e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୧ ● ୮ ଫେବୃଆରୀ ୨୦୨୬, ରବିବାର ● ଭୁବନେଶ୍ୱର ● Vol -33 ● Issue-11 ● 8th February 2026, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

୬ ଆମେରିକାକୁ ହରାଇ ଭାରତର ବିଜୟ ଅଭିଯାନ ଆରମ୍ଭ



## ବିସିପିପିଇଆର ପାଇଁ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ୮୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ, ୩୦ରୁ ଅଧିକ ପଲିସି ଇନସିଏଟିଭ୍ ନିଆଯିବ

**ଭୁବନେଶ୍ୱର, ୭।୨**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ବା ବିସିପିପିଇଆର ପାଇଁ ଏକ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅର୍ଥନୈତିକ ଯୋଜନାକୁ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୀତିଆୟୋଗର ସଦସ୍ୟ ରାଜୀବ ଗୌବା ଏବଂ ସିଇଓ ବି.ଭି.ଆର ସୁବ୍ରମଣ୍ୟମ ମଧ୍ୟ ଯୋଗଦେଇଥିଲେ।

ଏହି ଅବସରରେ ଲୋକସେବା ଭବନ ସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଅର୍ଥନୈତିକ ଯୋଜନାକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିସିପିପିଇଆର ଅଞ୍ଚଳକୁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଭାରତର ଅଭିବୃଦ୍ଧିର ଆକାଶରେ ଏହା ଏକ ନୂତନ ତାରକା ଭଳି ଦୃଶ୍ୟମାନ ହେବ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ଅଞ୍ଚଳର ସବୁ ସହରର କିଛି ନା କିଛି ନିଜସ୍ୱ ସାମର୍ଥ୍ୟ ରହିଛି, ସ୍ୱତନ୍ତ୍ରତା ରହିଛି। ଯେପରିକି ଟେକ୍ନୋଲୋଜି କ୍ଷେତ୍ରରେ ଭୁବନେଶ୍ୱର, ବିଜନେସ୍ ପରମ୍ପରାରେ କଟକ, ସାଂସ୍କୃତିକ ଗରିମାରେ ପୁରୀ ଓ ବନ୍ଦର ଭିତ୍ତିକ ବିକାଶରେ ପାରାଦୀପ। ବର୍ତ୍ତମାନ ଆମର ପରିକଳ୍ପନା ହେଉଛି, ଏହି ଅଞ୍ଚଳ ଗୁଡିକୁ ଆଧୁନିକ ଭିତ୍ତିଭୂମି ସହିତ ଯୋଡାଯିବ ଏବଂ ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯିବ। ମେଟାଲ ଡାଉନଷ୍ଟ୍ରିମ୍, ବାୟୋଟେକ୍, ଟେକ୍ସଟାଇଲ୍, କେମିକାଲ୍ସ, ପର୍ଯ୍ୟଟନ, ଶିକ୍ଷା ଓ ଆଇ.ଟି ପରି ୮୦ରୁ ଅଧିକ ପ୍ରକଳ୍ପର ଯୋଜନା କରାଯାଇଛି। ଏହା ସହିତ ୩୦ରୁ ଅଧିକ ପଲିସି ଇନସିଏଟିଭ୍ ନିଆଯାଇ ଏ ସମଗ୍ର ଅଞ୍ଚଳକୁ ବିକାଶ ଓ ସମୃଦ୍ଧିର ପ୍ରୟୋଗଶାଳା କରାଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୬-୨୭ ବଜେଟ୍‌ରେ କେନ୍ଦ୍ର ସରକାର ସିଟି ଇକୋନୋମିକ୍ ରିଜିଅନର ପରିକଳ୍ପନା କରିଛନ୍ତି। ଏଥିରେ ବିସିପିପିଇଆର ରିଜିଅନ୍ ମଧ୍ୟ ସ୍ଥାନ ପାଇଛି। ପ୍ରତ୍ୟେକ ସିଇଆରର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଏହି ଅଞ୍ଚଳର ଅର୍ଥନୀତି ସାରା ଓଡିଶାର ଅର୍ଥନୀତିର ୧୯ ପ୍ରତିଶତ। ୨୦୨୫ ସୁଦ୍ଧା ଏହି ଅଞ୍ଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ ଡଲାର ଅଛି। ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ ଡଲାର କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାର ତଥା ନୀତି ଆୟୋଗର ସହଯୋଗରେ ରାଜ୍ୟର ଡବଲ ଇଞ୍ଜିନ ସରକାର ଏହି ଅଞ୍ଚଳକୁ ଅର୍ଥନୈତିକ କାୟାକଳ୍ପର ଏକ କେନ୍ଦ୍ରଭାବେ ବିକଶିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ (ପୃଷ୍ଠା ୭ରେ)




## ଭାରତ–ଆମେରିକା ଅନ୍ତରୀଣ ବାଣିଜ୍ୟ ବୁଝାମଣା

# ମେକ୍ ଇନ୍ ଇଣ୍ଡିଆ ଓ ରୋଜଗାରକୁ ମିଳିବ ପ୍ରୋତ୍ସାହନ

**ନୂଆଦିଲ୍ଲୀ, ୭।୨**

ଭାରତ ଓ ଆମେରିକା ମଧ୍ୟରେ ଅନ୍ତରୀଣ ବାଣିଜ୍ୟ ବୁଝାମଣା ପାଇଁ ପ୍ରସ୍ତୁତ କରାଯାଇଥିବା ଫ୍ରେମୱାର୍କକୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଭୟ ଦେଶ ପାଇଁ ଏକ ବଡ଼ ଓ ସକାରାତ୍ମକ ସଫଳତା ବୋଲି କହିଛନ୍ତି। ସେ କହିଛନ୍ତି ଯେ, ଏହି ଫ୍ରେମୱାର୍କ ଭାରତ–ଆମେରିକା କୌଶଳଗତ ଭାଗିଦାରୀର ଗଭୀରତା, ଆସ୍ଥା ଏବଂ ସକ୍ରିୟତାକୁ ପ୍ରତିଫଳିତ କରେ ଏବଂ ଏହା 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନକୁ ନୂତନ ଶକ୍ତି ଦେବ।



କେନ୍ଦ୍ରୀୟ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲଙ୍କ ଦ୍ୱାରା ଏକ୍ସରେ ଭାରତ–ଆମେରିକା ଅନ୍ତରୀଣ ବାଣିଜ୍ୟ ବୁଝାମଣା ସମ୍ପର୍କରେ କରାଯାଇଥିବା ପୋଷ୍ଟକୁ ପ୍ରତିକ୍ରିୟା ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଉଭୟ ଦେଶର ସମ୍ପର୍କକୁ ଦୃଢ଼ କରିବା ପାଇଁ ତାଙ୍କ ବ୍ୟକ୍ତିଗତ ଅବଦାନ ପାଇଁ ଧନ୍ୟବାଦ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଅନ୍ତରୀଣ। ବାଣିଜ୍ୟ ବୁଝାମଣା କୃଷକ, ଉଦ୍ୟୋଗପତି, ସୂକ୍ଷ୍ମ, (ପୃଷ୍ଠା ୭ରେ)

# ଓଡ଼ିଶାରୁ ବିଦାୟ ନେବା ପୂର୍ବରୁ ଲୋକ ଭବନରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୭।୨**
**ନ୍ୟୁଜ୍ ବ୍ୟୁରୋ**

ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଶନିବାର ଲୋକ ଭବନଠାରେ ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟର ବିକାଶ ଗାଥା ସମ୍ପର୍କିତ ପୁସ୍ତିକା 'ପ୍ରଗତି ପ୍ରବାହ' ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ପରବର୍ତ୍ତୀ ସମୟରେ ଭୁବନେଶ୍ୱର ବିମାନବନ୍ଦରଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ସହ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ବିଦାୟ (ପୃଷ୍ଠା ୭ରେ)



## ଅଗ୍ନି-୩ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ନୂଆଦିଲ୍ଲୀ, ୭।୨**

ପ୍ରତିରକ୍ଷା ପ୍ରସ୍ତୁତିକୁ ଆହୁରି ମଜଭୁତ କରି, ଭାରତ ଅଗ୍ନି-୩ ମଧ୍ୟବର୍ତ୍ତୀ-ଦୂରବର୍ତ୍ତୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି। ଏହି ପରୀକ୍ଷଣ ଓଡ଼ିଶାର ଚାନ୍ଦିପୁରରେ ଥିବା ସମନ୍ୱିତ ପରୀକ୍ଷଣ ରେଞ୍ଜରୁ କରାଯାଇଥିଲା। (ପୃଷ୍ଠା ୭ରେ)

### ଆଜିର ମୁଖ୍ୟ ଖବର

- ଭାରତୀୟ ତଟରକ୍ଷୀ ବାହିନୀ ଅନ୍ତର୍ଜାତୀୟ ତୈଳ ଚୋରା ଚାଲାଣ ର୍ୟାକେଟର ପର୍ଦ୍ଦାଫାଶ।
- ତିନୋଟି ବିଦେଶୀ ଜାହାଜ ଜବତ।
- ବିହାରର ପୂର୍ଣ୍ଣିଆର ସାଂସଦ ପପୁ ଯାଦବ ୩୧ ବର୍ଷ ପୁରୁଣା ମାମଲାରେ ଗିରଫ ।

# ବିଶ୍ୱଭୂଷଣ ହରିଚନ୍ଦନ ସାରା ଦେଶ ପାଇଁ ଗର୍ବ ଓ ଗୌରବ

**ଭୁବନେଶ୍ୱର, ୭।୨**
**ନ୍ୟୁଜ୍ ବ୍ୟୁରୋ**

ନେତୃତ୍ୱ କେବଳ କ୍ଷମତାର ପଦ ପଦବୀରେ ସୀମିତ ନୁହେଁ ବରଂ ଚିନ୍ତାଧାରା, ମୂଲ୍ୟବୋଧ ଏବଂ ସମାଜର ସେବା ମାଧ୍ୟମରେ ପ୍ରତିଫଳିତ ହୁଏ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଶନିବାର ଦିନ ଓଡ଼ିଶାର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ଏବଂ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ଲିଖିତ ଦୁଇଟି ପୁସ୍ତକ ଓଡ଼ିଆ ପୁସ୍ତକ 'ଏ ମାଟି କଥା କହେ' ଏବଂ ଇଂରାଜୀ ପୁସ୍ତକ - 'ବକ୍ସି ଜଗବନ୍ଧୁ - ଦି ଗ୍ରେଟ କମାଣ୍ଡର'ର ଉନ୍ମୋଚନ ଅବସରରେ ରାଜ୍ୟପାଳ ଏହା କହିଛନ୍ତି ।




ଏହି ଅବସରରେ ଉଦବୋଧନ ଦେଇ ଏହି କାର୍ଯ୍ୟକ୍ରମକୁ ସାହିତ୍ୟିକ ଉତ୍କର୍ଷତାର ଉତ୍ସବ ଭାବରେ ବର୍ଣ୍ଣନା କରି ରାଜ୍ୟପାଳ କହିଛନ୍ତି ଯେ, ଏହା ଶ୍ରୀ ହରିଚନ୍ଦନଙ୍କ ସ୍ଥାୟୀ ସାର୍ବଜନୀନ ଏବଂ ବୌଦ୍ଧିକ ଐତିହ୍ୟକୁ ମଧ୍ୟ ପ୍ରତିଫଳିତ କରେ। ନିଜ ଅଭିଭାଷଣରେ ରାଜ୍ୟପାଳ ସାମ୍ବିଧାନିକ ମୂଲ୍ୟବୋଧ, ଜନ କଲ୍ୟାଣ ଏବଂ ବୌଦ୍ଧିକ ସାଧନା ପ୍ରତି ଲେଖକଙ୍କ ଜୀବନବ୍ୟାପୀ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଶ୍ରୀ ହରିଚନ୍ଦନଙ୍କ ଆଇନଗତ ବୃତ୍ତିରୁ ସାର୍ବଜନୀନ ଜୀବନ ପର୍ଯ୍ୟନ୍ତ ଯାତ୍ରା ସମ୍ପର୍କରେ ରାଜ୍ୟପାଳ ଅବତାରଣା କରି (ପୃଷ୍ଠା ୭ରେ)

# ମହାନଦୀ ନେଇ ବିତର୍କ ପାଇଁ ବିଜେଡିକୁ ରାଜସ୍ୱ ମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ୭।୨**
**ନ୍ୟୁଜ୍ ବ୍ୟୁରୋ**

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ବିଜେଡ଼ିକୁ କଡ଼ା ଜବାବ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଏ ପ୍ରସଙ୍ଗ ଉତ୍ଥାପନ କରିବା ସହ ବିଧାନସଭା ଭିତରେ ଓ ବାହାରେ ବିତର୍କ ପାଇଁ ବିଜେଡ଼ିକୁ ପୁଣି ଆହ୍ୱାନ କରିଛନ୍ତି। ଯଦି ସତସାହସ ଅଛି, ତେବେ ଓଡ଼ିଶାକୁ ନ୍ୟାୟ ଦେବା ପାଇଁ ସେମାନେ କଣ ପଦକ୍ଷେପ ନେଇଥିଲେ କୁହନ୍ତୁ । ସେ କହିଛନ୍ତି ଯେ, ତଥ୍ୟ ଆମ ପାଖରେ ଅଛି । ନିଜେ ହାରିବା ପାଇଁ କେଉଁ କେଉଁ ଘାତକ ଅସ୍ତ୍ର ତିଆରି କଲେ ଓ ଛତିଶଗଡକୁ ଦେଲେ ଆମେ କହିବୁ । ଆମେ କଣ ପଦକ୍ଷେପ ନେଇଛୁ ତାହା ଉପସ୍ଥାପନ କରିବୁ । ଓଡ଼ିଶାବାସୀ ଦେଖିବେ କିଏ ସତ କହୁଛି କିଏ ମିଛ କହୁଛି। ପୂର୍ବ ସରକାର ଏତେ ଦିନ ପର୍ଯ୍ୟନ୍ତ ଓଡ଼ିଶା ପକ୍ଷ ରଖିବା ପାଇଁ ଯେଉଁ ଓକିଲ ମାନଙ୍କୁ ନିଯୁକ୍ତ କରିଥିଲେ । ୪୯ଟି ଶୁଣାଣି ହେଲା, କିନ୍ତୁ ପ୍ରକୃତ କାର୍ଯ୍ୟ ଘଣ୍ଟେ ମଧ୍ୟ ହୋଇନାହିଁ । ଟ୍ରିବ୍ୟୁନାଲରେ କେସ ଚାଲିଛି, ଚାଲିବ । ଏ କେସକୁ ବଢ଼ାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଏବେ ଓଡ଼ିଶା ସରକାର ଓକିଲ ନିଯୁକ୍ତ କରିଛନ୍ତି । ଯଦି ଆବଶ୍ୟକ ପଡ଼ିବ ଆହୁରି ଓକିଲ ନିଯୁକ୍ତି କରାଯିବ । ନିଷ୍କର୍ଷ ବାହାରିବା ପର୍ଯ୍ୟନ୍ତ ପକ୍ଷ ରଖାଯିବ । କିନ୍ତୁ ଉଭୟ ରାଜ୍ୟ ମଧ୍ୟରେ ସଂସଦୀୟ ଗଣତନ୍ତ୍ରରେ ଆଲୋଚନା ବନ୍ଦ କରି ଦେବା କି ବୋଲି ସେ ପ୍ରଶ୍ନକରିଛନ୍ତି। ବିଜେଡ଼ି କଥାବାର୍ତ୍ତାରେ ବିଶ୍ୱାସ କରେ ନାହିଁ, ଆମେ ବିଶ୍ୱାସ କରୁ ବୋଲି ରାଜସ୍ୱମନ୍ତ୍ରୀ କହିଛନ୍ତି। ଯଦି ଦେଶ - ଦେଶ ଭିତରେ କଥାବାର୍ତ୍ତା ହୋଇପାରୁଛି, ତେବେ ସଂସଦୀୟ ଗଣତନ୍ତ୍ରରେ ରାଜ୍ୟ - ରାଜ୍ୟ ଭିତରେ କଥାବାର୍ତ୍ତା ହେବା ଉଚିତ ନୁହେଁ କି ବୋଲି ପ୍ରଶ୍ନ କରିବା ସହ ବିଜେଡିକୁ ତାର ଭୂମିକା ପାଇଁ ସମାଲୋଚନା କରିଛନ୍ତି। ବିଜେଡ଼ି ଚାହୁଁଛି କି ଏ ପ୍ରସଙ୍ଗରେ ଓଡ଼ିଶାର କ୍ଷତି ହେଉ। ବିଧାନସଭାରେ ଆଲୋଚନା ହେଲେ ମହାନଦୀ ପ୍ରସଙ୍ଗରେ ସେମାନେ (ବିଜେଡ଼ି) କଣ ପଦକ୍ଷେପ ନେଇଥିଲେ, ଆମେ କଣ ପଦକ୍ଷେପ ନେଇଛୁ ସେ ବିଷୟରେ ଆମେ ଓଡ଼ିଶାବାସୀଙ୍କୁ ଜଣାଇ ପାରିବୁ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଏହି ପ୍ରସଙ୍ଗରେ ବିଜେଡ଼ିର ଉଚିତ ଜବାବ ଦେବା ପାଇଁ ଆମେ ପ୍ରସ୍ତୁତ ଅଛୁ ବୋଲି ସେ କହିଛନ୍ତି।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୬୬୦ (+୨୮୯)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୫୫ (+୨୬୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୪୫ (+୨୧୭)

### ରୁପା ଦର

ରୁପା – ପ୍ରତି ଗ୍ରାମ ୨୮୫ (+୫)

# ରାଜ୍ୟରେ ଶୀଘ୍ର ଲାଗୁ ହେବ ନୂଆ ଅବକାରୀ ଆଇନ

**ଭୁବନେଶ୍ୱର, ୭।୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଖୁବ୍‌ଶୀଘ୍ର ନୂଆ ଅବକାରୀ ଆଇନ ଲାଗୁ ହେବ ବୋଲି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଆବଶ୍ୟକ ପ୍ରକ୍ରିୟା ଶେଷ ହେବା ପରେ ଏହି ନୂଆ ଅବକାରୀ ଆଇନକୁ କଡ଼ାକଡ଼ି ଭାବେ ଅନୁପାଳନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ, ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ଆହୁରି ଜୋରଦାର କରାଯିବ। ରାଜ୍ୟରେ ଅବୈଧ ନିଶା କାରବାର ରୋକିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ନୂଆ ବ୍ୟବସ୍ଥା ଅନୁଯାୟୀ, ରେଡ୍ ଓ ଏନଫୋର୍ସମେଣ୍ଟ କାର୍ଯ୍ୟକଳାପ ସମୟରେ ଅବକାରୀ ଏନଫୋର୍ସମେଣ୍ଟ ଟିମ୍‌ର ସଦସ୍ୟମାନେ ବଡି କ୍ୟାମେରା ପିନ୍ଧିବେ। ଏହା ଫଳରେ ତଦନ୍ତକାରୀ ଅଫିସରମାନେ କୋର୍ଟରେ ଭିଡିଓ ପ୍ରମାଣ ପ୍ରଦାନ କରିପାରିବେ। ପ୍ରମାଣ ଅଭାବରୁ ଅଭିଯୁକ୍ତମାନେ ଆଉ ଖସି (ପୃଷ୍ଠା ୭ରେ)

## ୨୪ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

# ଆମ ହସ୍ତତନ୍ତ ସ୍ୱଦେଶୀ, ସଂସ୍କୃତି ଓ ସମୃଦ୍ଧିର ପ୍ରତୀକ

**ଭୁବନେଶ୍ୱର, ୭।୨**
**ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି । ଏହି ମେଳାକୁ ଆନୁଷ୍ଠାନିକ ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରି କହିଛନ୍ତି, "ହସ୍ତତନ୍ତ ଆମ ଗୌରବମୟ ଐତିହ୍ୟର ନିଦର୍ଶନ । ଏହା ସ୍ୱଦେଶୀ, ସଂସ୍କୃତି ଓ ସମୃଦ୍ଧିର ପ୍ରତୀକ । ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ସହ ବୁଣାକାର କାରିଗର ମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ।"

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଛନ୍ତି, "ରାଜ୍ୟ ତଥା ଦେଶର ସମସ୍ତ ବୟନ କଳାକୁ ପ୍ରଦର୍ଶିତ କରିବା ସହ ବିକ୍ରୟ ପାଇଁ ଏହି ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ମଞ୍ଚ । ଉତ୍କୃଷ୍ଟ ବୟନ କଳାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ପ୍ରଦର୍ଶନୀ ମାଧ୍ୟମରେ ବିପଣନ ସହ ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ଭଳି ନୂଆ ଡିଜାଇନ୍ ଓ ଡିଜିଟାଲ୍ ମାର୍କେଟିଂକୁ ମଧ୍ୟ ଆମେ ଉତ୍ସାହିତ କରୁଛୁ ।"

ଏହି ମେଳା ୨୨ ଫେବୃଆରୀ ପର୍ଯ୍ୟନ୍ତ ଚାଲୁ ରହିବ । ପ୍ରତ୍ୟେକ ଦିନ ଦିବା ୧୧ ଘଟିକାରୁ ୯.୩୦ (ପୃଷ୍ଠା ୭ରେ)

## ଯମୁନା ଏକ୍ସପ୍ରେସୱେରେ ଦୁର୍ଘଟଣା : ୬ ମୃତ

**ମଥୁରା, ୭।୨**

ଉତ୍ତର ପ୍ରଦେଶର ମଥୁରା ଜିଲ୍ଲାରେ ଯମୁନା ଏକ୍ସପ୍ରେସ୍‌ୱେରେ ଶନିବାର ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଛଅ ଜଣ ଯାତ୍ରୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଜଣେ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ଥାନା ସୁରିର ଅଞ୍ଚଳର ମାଇଲଷ୍ଟୋନ୍ ୮୮ ନିକଟରେ ଭୋର ସମୟରେ ଘଟିଥିଲା।

### ଏକାଳ ପଖାଳ



ବୋମା ମାଡର ଧମକ ଆସଇ
ଜଣାପଡୁନାହିଁ କିଏ
ରାଇଜ ଗୁଇନ୍ଦା ପୁଲିସି ଭାଇନା
ତନ୍ନତନ୍ନ ଖୋଜି ନିଏ
ଅପରାଧୀ ହେଇଥାଉ ଯିଏ
କେବେ ଧରାହେଇ କୁହ କେବେ
ଜେଲ୍‌କୁ ଯିବ ସିଏ।

# ଆମେରିକା ପିଓକେ ଏବଂ ଅକ୍‌ସାଇ ଚୀନ୍‌କୁ କହିଲା ଭାରତର ଅଂଶ



**ନୂଆଦିଲ୍ଲୀ, ୭।୨**

ଭାରତ-ଆମେରିକା ଅନ୍ତରୀଣ ବ୍ୟାପାର ବୁଝାମଣାର ରୂପରେଖର ଘୋଷଣା ତତ୍କାଳ ପରେ ସଂଯୁକ୍ତ ରାଜ୍ୟ ବ୍ୟାପାର ପ୍ରତିନିଧି(ୟୁଏସ୍‌ଟିଆର୍) କାର୍ଯ୍ୟାଳୟ ଦ୍ୱାରା ଜାରି ନକ୍ସାରେ ପାକିସ୍ତାନ ଅଧିକୃତ କାଶ୍ମୀର(ପିଓକେ) ଏବଂ ଚୀନ୍ କବ୍‌ଜାରେ ଅକ୍‌ସାଇ ଚୀନ୍ ସମେତ ପୁରା ଜାମ୍ମୁ-କାଶ୍ମୀରକୁ ଭାରତର ଅଂଶ ଭାବେ ଦେଖାଯାଇଛି।

ୟୁଏସ୍‌ଟିଆର୍ କାର୍ଯ୍ୟାଳୟର ଏକ୍ସ ପୋଷ୍ଟରେ ସେୟାର କରାଯାଇଥିବା ଏହି ନୂଆ ନକ୍ସାରେ ନା କେବଳ ଜାମ୍ମୁ-କାଶ୍ମୀର ଏବଂ ଲଦାଖକୁ ଭାରତର ଅଂଶ ଦେଖାଯାଇଛି, ପରନ୍ତୁ ଅରୁଣାଚଳ ପ୍ରଦେଶର ସମସ୍ତ ଅଂଶକୁ ମଧ୍ୟ ଭାରତର କ୍ଷେତ୍ରୀୟ ସୀମା ଭିତରେ ଦର୍ଶାଯାଇଛି।

ଏହା ପୂର୍ବରୁ ଭାରତ କେତେଥର ଆମେରିକା ଏବଂ ଅନ୍ୟ ବୈଶ୍ୱିକ ଏଜେନ୍ସି ଦ୍ୱାରା ଜାରି ନକ୍ସାରେ ଜାମ୍ମୁ-କାଶ୍ମୀର ଏବଂ ଅରୁଣାଚଳ ପ୍ରଦେଶର ମିଛ ପ୍ରସ୍ତୁତି ଉପରେ ଆପତ୍ତି କରୁଛି। ଏବେ ଟ୍ରମ୍ପ ପ୍ରଶାସନ ଦ୍ୱାରା ଜାରି ନକ୍ସାକୁ ସେହି ଆପତ୍ତି ପରେ ଠିକ୍‌ରେ ପ୍ରସ୍ତୁତି କରାଯାଇଛି।

ଏହି ପଦକ୍ଷେପ ଭାରତର ରୂପ ଅନୁରୂପ ଏବଂ (ପୃଷ୍ଠା ୭ରେ)

# ଘୁ.ଉଦୟଗିରିରେ ପାରା ୫.୬ ଡିଗ୍ରୀ

**ଭୁବନେଶ୍ୱର, ୭।୨**
**ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲାରେ ପ୍ରବଳ ଶୀତ ଏବଂ ଜାଡ଼ ପାଇଁ ସାରା ରାଜ୍ୟରେ ପରିଚିତ ଥିବା ବେଳେ ଚଳିତ ବର୍ଷ ଶୀତ ଏକ ପ୍ରକାର ଲୁଚକାଳି ଖେଳ ଖେଳୁଛି। ମାଘ ମାସ ଶେଷ ହୋଇ ଫଗୁଣର ୬ ଦିନ ପ୍ରବେଶ କରିଛି। ବସନ୍ତ ଋତୁରେ ଶୀତରେ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ ହେଉଛି। ରାଜ୍ୟରେ ପାରଦ ଉପରମୁହାଁ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ସହରରେ ବିପରୀତ ପାଗ ଦେଖିବାକୁ ମିଳୁଛି। ଓଡ଼ିଶାର ସବୁଠାରୁ କମ୍ ତାପମାତ୍ରା ଥିବା ଏବଂ ଥଣ୍ଡାର ସହର ଭାବେ ଘୁ.ଉଦୟଗିରି ପରିଚିତ ହୋଇଛି।

ଚଳିତ ବର୍ଷର ଶୀତର ଉତ୍ଥାନ ପତନ ସହ ପାରଦ ଉପର ତଳ ଭିତରେ ଶୀତଋତୁର ଶେଷ ସମୟରେ ପୁଣି ପାରଦ ତଳମୁହାଁ ହୋଇ ଶନିବାର ୫.୬ଡିଗ୍ରୀ ରେକର୍ଡ଼ ହୋଇଛି। ଶୁକ୍ରବାର ସହରର ତାପମାତ୍ରା ୯ ଡିଗ୍ରୀ ରେକର୍ଡ଼ କରାଯାଇଥିବା ବେଳେ ଗୋଟିଏ ଦିନରେ ତାପମାତ୍ରା ହଠାତ୍ ୩.୪ଡିଗ୍ରୀ ତଳକୁ ଖସି ୫.୬ ଡିଗ୍ରୀରେ ପହଞ୍ଚିଛି। ଜାଡ଼ ସାଙ୍ଗକୁ ପ୍ରବଳ ଶୀତ ଅନୁଭୂତ ହେଉଛି। ସୁଲୁସୁଲିଆ ଶୀତଳ ପବନ ବହିବା ଯୋଗୁଁ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ଦିନରେ ସୂର୍ଯ୍ୟଙ୍କ ପ୍ରକୋପ ସହ ତାତି ରହୁଥିବା ବେଳେ ସଞ୍ଜ ନଇଁଲେ ଥଣ୍ଡାର ପ୍ରକୋପ ବଢୁଛି।





# ଟ୍ରାଫିକ୍ ପୋଷ୍ଟରେ ବି ହାତରୁ ଛାଡୁ ନାହାନ୍ତି ମୋବାଇଲ୍,ଦାୟିତ୍ୱ ଛାଡ଼ି ଫଟୋ ଉଠାରେ ବ୍ୟସ୍ତ ପୁଲିସ

**କଟକ, ନ୍ୟୁଜ୍ ବ୍ୟୁରୋ**

ବଜାର, ଛକରେ ଯାନବାହାନ ପରିଚାଳନା ଓ ଗହଳି ନିୟନ୍ତ୍ରଣ ଟ୍ରାଫିକ୍ ପୁଲିସର ମୂଳ ଦାୟିତ୍ୱ। କଟକ କମିଶନରେଟ୍ ଟ୍ରାଫିକ୍ ପୁଲିସ ତା'ର ମୂଳ ଦାୟିତ୍ୱ ଭୁଲି ବାଇକ୍, ସ୍କୁଟର୍ ଆରୋହୀ ଆଦି ଦୁଇ ଚକିଆ ଚାଳକଙ୍କଠାରୁ ଜରିମାନା ଚାଲାଣ କାଟିବାରେ ବ୍ୟସ୍ତ ରହୁଛି। ଦୁଇ ଟ୍ରାଫିକ୍ ଥାନାରେ ପୁଲିସ ଅଫିସରଙ୍କଠାରୁ କନଷ୍ଟେବଲ ଓ ହୋମଗାର୍ଡଙ୍କ ପର୍ଯ୍ୟନ୍ତ ଡ୍ୟୁଟି ସମୟରେ ହାତରୁ ମୋବାଇଲ୍ ଖସୁନି। ଗାଡ଼ି ପଛ ପଟୁ ଫଟୋ ଉଠାଇବାରେ ବ୍ୟସ୍ତ ରହୁଥିବାର ଦେଖିବାକୁ ମିଳୁଛି। ମୂଳ ଦାୟିତ୍ୱ ଛାଡ଼ି ରାସ୍ତାଘାଟରେ ଦୃଷ୍ଟି ଆଢୁଆଳରେ ରହି ମୋବାଇଲ୍‌ରେ ଫଟୋ ଉଠାଉଥିବା ଟ୍ରାଫିକ୍ ପୁଲିସର ଏପରି କାମ ଏବେ ଚର୍ଚ୍ଚାର ବିଷୟ ହୋଇଛି। ପୁଲିସ ଗାଡ଼ିମୋଟର ନମ୍ବର ପ୍ଲେଟ୍ ଫଟୋ ଉଠାଉଥିବା ବେଳେ ଲୋକେ ପୁଲିସର ଫଟୋ ଉଠା ଶୈଳୀକୁ ମୋବାଇଲ୍‌ରେ ଫଟୋ ଉଠାଇ ସୋସିଆଲ୍ ମିଡିଆରେ ଅପଲୋଡ୍ କରୁଛନ୍ତି। ଚାଲାଣ କାଟିବା ପାଇଁ ପୁଲିସର ବ୍ୟଗ୍ରତାକୁ ସୋସିଆଲ୍ ମିଡିଆରେ ବହୁ ସମାଲୋଚନା କରାଯାଉଛି। ଏମିତିକି ପୁଲିସ ବିରୋଧରେ ସୋସିଆଲ୍ ମିଡିଆରେ ଲୋକେ ବହୁ କଡ଼ା ଟିପ୍ପଣୀ ଦେଉଥିବାର ଦେଖିବାକୁ ମିଳୁଛି। ସହରରେ ଟ୍ରାଫିକ୍ ବ୍ୟବସ୍ଥା ସବୁଠି ବିଗିଡ଼ିଥିବା ବେଳେ ଗହଳି ନିୟନ୍ତ୍ରଣ ଓ ଗାଡ଼ିମୋଟର ସୁବିଧାରେ ଚଳପ୍ରଚଳ ପାଇଁ ପୁଲିସ ତତ୍ପର ହେବା ବଦଳରେ ଅଫିସରଙ୍କଠାରୁ ସାବାସି ନେବା ପାଇଁ କର୍ମଚାରୀମାନେ ପ୍ରତିଯୋଗିତା ମୂଳକ ଚାଲାଣ କାଟୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, କମିଶନରେଟ୍‌ରେ ମଧୁପାଟଣାଠାରେ ଥିବା ଟ୍ରାଫିକ୍ ଥାନା ଓ ଏନ୍‌ଏଚ୍ ଟ୍ରାଫିକ୍ ଥାନା ଅଧୀନରେ ୨୯ଟି ସ୍ଥାନରେ ଇଲେକ୍ଟ୍ରି ସିଗନାଲ୍ ପୋଷ୍ଟ ରହିଛି। ସହରର ବିଭିନ୍ନ ବଜାର ଛକ ସମେତ ଜାତୀୟ ରାଜପଥରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଟ୍ରାଫିକ୍ ପୋଷ୍ଟଗୁଡ଼ିକରେ ଯାନବାହାନ ନିୟନ୍ତ୍ରଣ ଲାଗି କର୍ମଚାରୀ ଅଭାବ ରହିଛି। ସିଗନାଲ୍ ଥାଇ ଅଧିକାଂଶ ଥାନାରେ ତାହା କାମ କରୁଥିବାରୁ ଟ୍ରାଫିକରେ ଅଧିକ କର୍ମଚାରୀ ନିୟୋଜିତ ଲାଗି ଡିସିପିଙ୍କୁ ଟ୍ରାଫିକ୍ ଏସିପି ଅବଗତ କରାଇ ଆସୁଛନ୍ତି। ଟ୍ରାଫିକ୍ ପୁଲିସରେ କନଷ୍ଟେବଲ୍ କମ୍ ଥିବାରୁ ଅନେକ ସମୟରେ ହୋମଗାର୍ଡ ଓ ଓଏପିଏଫ୍ କର୍ମଚାରୀ କାମ ଚଳାଉଛନ୍ତି। ଟ୍ରାଫିକ୍ ପରିଚାଳନା ପାଇଁ କନଷ୍ଟେବଲ୍ ଓ ଅଫିସର ଅଭାବ ରହିଥିବା ବେଳେ ରାସ୍ତାଘାଟରେ ସମ୍ପୃକ୍ତ ପୁଲିସ କର୍ମଚାରୀମାନେ ସେମାନଙ୍କ ମୂଳ ଦାୟିତ୍ୱରୁ ତଥା ଟ୍ରାଫିକ୍ ପୋଷ୍ଟରୁ ବାହାରି ରାସ୍ତାର ବିଭିନ୍ନ କୋଣ, ଦୋକାନ ବାରଣ୍ଡା ଆଦି ପଥଚାରୀଙ୍କ ଦୃଷ୍ଟି ଆଢୁଆଳରେ ରହି ଫଟୋ ଉଠାଇବାକୁ ପ୍ରାଥମିକତା ଦେଉଥିବାର ଦେଖିବାକୁ ମିଳୁଛି। ହେଲମେଟ୍ ପିନ୍ଧି ନଥିବା ଚାଳକଙ୍କଠାରୁ ଜରିମାନା ଆଦାୟ ବାବଦ ଚାଲାଣ କାଟିବା ପାଇଁ ଟ୍ରାଫିକ୍ ପୁଲିସର ଏପରି ସକ୍ରିୟତାକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ବାଦାମବାଡ଼ି ଟ୍ରାଫିକ୍‌ର ଚାରି ଛକ ଉପରେ ଜଣେ କର୍ମଚାରୀ ଡ୍ୟୁଟି କରୁଥିବା ବେଳେ ଆଉ ତିନି ଜଣ କର୍ମଚାରୀ ତିନି କୋଣରେ ଠିଆ ହୋଇ ମୋବାଇଲରେ ଫଟୋ ଉଠାଇବାରେ ବ୍ୟସ୍ତ ରହୁଛନ୍ତି। ସେହିପରି ଖାନ୍ନଗର ଟ୍ରାଫିକ୍ ଛକରେ ଯାନବାହାନ ନିୟନ୍ତ୍ରଣ ପାଇଁ ସିଗନାଲ୍ ପୋଷ୍ଟ ନାହିଁ। ଜଣେ କର୍ମଚାରୀ ଟ୍ରାଫିକ୍ ପୋଷ୍ଟରେ ଠିଆ ହୋଇ ହାତ ଠାରି ଟ୍ରାଫିକ୍ ନିୟନ୍ତ୍ରଣ କରୁଥିବା ବେଳେ ଆଉ ଦୁଇ ଜଣ କର୍ମଚାରୀ ନିକଟସ୍ଥ ଏକ ଗଛମୂଳେ ଲୁଚି ରହି ଫଟୋ ଉଠାଉଥିବାର ଦେଖିବାକୁ ମିଳୁଛି। ସେହିପରି ଦୋଳମୁଣ୍ଡାଇ ଛକରେ ଅହରହ ଗହଳି ହେଉଛି। ଚାରି ପଟୁ ଯାନବାହାନ ଚଳାଚଳରେ ନିୟନ୍ତ୍ରଣ ନ ଥିବାରୁ ଗାଡ଼ି ଘଣ୍ଟାଘଣ୍ଟା ଗହଳିରେ ଠିଆ ହେଉଛି। ରାଣୀହାଟ ଟ୍ରାଫିକ୍ ଛକ ସମେତ ସ୍ଥାନୀୟ ତାଳଦଣ୍ଡା ପୋଲ ପାଖରେ ଏବଂ କଲେଜ ଛକ, ଓଏମ୍‌ପି ଛକ, ସତୀଚଉରା, ମାତାମଠ ଛକ ଆଦି ଛକରେ ଯାନବାହାନ ନିୟନ୍ତ୍ରଣ ପାଇଁ ପୁଲିସ ଦେଖାନଥିବା ବେଳେ ଉକ୍ତ ଅଞ୍ଚଳରେ ଦୃଷ୍ଟି ଆଢୁଆଳରେ ରହି ଫଟୋ ଉଠାଉଥିବାର ଦେଖିବାକୁ ମିଳୁଛି।



# ତିଗିରିଆରେ ଯୁଗ୍ମ ଅଭିଯୋଗ ଶୁଣାଣି ୯୦ ମାମଲା ପଞ୍ଜିକୃତ

**କଟକ,ନ୍ୟୁଜ୍ ବ୍ୟୁରୋ**

ତିଗିରିଆ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୯୦ଟି ଅଭିଯୋଗ ହସ୍ତଗତ ହୋଇଥିଲା । ତନ୍ମଧ୍ୟରେ ୬୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୬ଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୨୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ପୁଲିସ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିନୀତ ଅଗ୍ରୱାଲ ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ,କଟକ ଶ୍ରୀ ପ୍ରଶାନ୍ତ କୁମାର ନାୟକ , ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଆସନ୍ତା ୯ ତାରିଖରେ ନିଶ୍ଚିନ୍ତକୋଇଲି ବ୍ଲକ୍ ?ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।



# ବୁଣାକାରଙ୍କ ପାଇଁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ

**ମାଣିଆବନ୍ଧ/ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମାଣିଆବନ୍ଧ ବୁଦ୍ଧବିହାରଠାରେ ବୁଣାକାରଙ୍କ ପାଇଁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏହି ଶିବିରର ଉଦ୍ଘାଟନ କରି କହିଥିଲେ; ବସ୍ତ୍ରର ଉତ୍କୃଷ୍ଟତା ବୁଣାକାରଙ୍କ ଉତମ ଦୃଷ୍ଟିଶକ୍ତି ଉପରେ ଅନେକ କ୍ଷେତ୍ରରେ ନିର୍ଭରଶୀଳ । ସୁସ୍ଥ ଦୃଷ୍ଟି, ସଶକ୍ତ ବୁଣାକାର । ତେଣୁ ବୁଣାକାରମାନଙ୍କୁ ସେମାନଙ୍କ ଚକ୍ଷୁର ସ୍ୱାସ୍ଥ୍ୟ ବିଷୟରେ ସଚେତନ କରାଇବା ପାଇଁ ଏହା ଲୋକଙ୍କ ସରକାରଙ୍କର ଗୋଟିଏ ଛୋଟ ପ୍ରୟାସ ।

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ୫୦୦ରୁ ଅଧିକ ବୁଣାକାର ସାମିଲ ହୋଇ ସେମାନଙ୍କ ଚକ୍ଷୁ ପରୀକ୍ଷା କରାଇଥିଲେ ଏବଂ ଆବଶ୍ୟକୀୟ ବୁଣାକାରଙ୍କୁ ଚଷମା ବଂଟନ କରାଯାଇଥିଲା । ଏହି ଅବସରରେ ଡାକ୍ତରମାନେ ଚକ୍ଷୁର ଯତ୍ନ ନେବା ପାଇଁ ବୁଣାକାରମାନଙ୍କୁ ସଚେତନ କରାଇଥିଲେ ।

ଏହି କାର୍ଯ୍ୟକ୍ରମରେ ବଡ଼ମ୍ବା-ନରସିଂହପୁର ବିଧାୟକ ବିଜୟ ଦଳବେହେରା, ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧରୀ, ହସ୍ତଶିଳ୍ପ ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ସମାଜସେବୀ ସୁକାନ୍ତ କୁମାର ବିଶ୍ୱାଳ, ସାଇଟସେଭରସ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ସୁଦତ୍ତା ଖୁଂଟିଆ, କଳିଙ୍ଗ ହସପିଟାଲ୍ ର ଅଧ୍ୟକ୍ଷ ସାରଙ୍ଗଧର ସାମଲ, ରୋଟାରୀ ହସପିଟାଲର ଶୁଭେନ୍ଦୁ ପରିଡ଼ା, ୟୁଏନଡିପିର ଆଭା ମିଶ୍ର, ବୁଣାକାର ଓ କାରିଗର ପ୍ରମୁଖ ଉପସ୍ଥିତ ଥିଲେ ।

# କୁଞ୍ଜବିହାର ସରକାରୀ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ରାଜ୍ୟସ୍ତରୀୟ ସେମିନାର

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗ ସ୍ଥିତ କୁଞ୍ଜବିହାରୀ ସରକାରୀ ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଦୁଇଟି ସେସନରେ ଆୟୋଜିତ ଏହି ସେମିନାରରେ ବିଷୟବସ୍ତୁ ଉପରେ ସବିଶେଷ ଆଲୋଚନା ହୋଇଥିଲା। ଏହି ସେମିନାରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପ୍ରଫେସର ଡ଼ ତୁଷାରକାନ୍ତ ପାଣି ଏବଂ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ ପ୍ରଫେସର ଡ଼ ପ୍ରତାପ ଚନ୍ଦ୍ର ସାହୁ। ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଶ୍ରୀକାନ୍ତ କୁମାର ସାହୁଙ୍କ ଦ୍ୱାରା ଆୟୋଜିତ ଏହି ସଂପାନରେ ପୌରହିତ୍ୟ କରିଥିଲେ ଅଧ୍ୟକ୍ଷ ଡ଼ ଶେଖ୍ ନୈମୁଦ୍ଦିନ ଓ ସଭା ପରିଚାଳନା କରିଥିଲେ ଅଧ୍ୟାପିକା ରୋଜାଲିନ୍ ଦେବୀ। ଭିତ୍ତିପ୍ରବନ୍ଧ ପାଠ କରିଥିଲେ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଏବଂ ଦୁଷ୍ମନ୍ତ ବେହେରା। ନାକ୍ କୋଅର୍ଡିନେଟର ଅନୀଲ କୁମାର ପାଢ଼ୀ ନିଜର ବକ୍ତବ୍ୟ ପ୍ରଦାନ କରିଥିଲାବେଳେ ପ୍ରସନ୍ନ କୁମାରମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ପଲ୍ଲବିନୀ ରାଉତ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରବନ୍ଧ ପାଠ ହୋଇଥିଲା। ଏଥିରେ ଅଂଶ ଗ୍ରହଣ କରିଥିଲେ ସୁବର୍ଣ୍ଣା ବେହେରା, ଶୁଭଲକ୍ଷ୍ମୀ ସାହୁ, ରଶ୍ମିତା ପଟ୍ଟନାୟକ, ସ୍ମରିତା ଦାସ ଇତ୍ୟାଦି। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସଂଗୀତ ଓ ନୃତ୍ୟ ପ୍ରଦର୍ଶନ ପରେ ସଂପାନ ସମାପ୍ତ ହୋଇଥିଲା।

# ମଦ୍ରାସା ଆରାବିୟା ତାଲିମୁଲ୍ ଇସଲାମ୍‌ର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ କେନ୍ଦ୍ରାପଡା ହାଇସ୍କୁଲ ଛକରେ ଥିବା ମଦ୍ରାସା ଆରବିୟା ତାଲିମୁଲ୍ ଇସଲାମ୍ ର ୩୧ତମ ବାର୍ଷିକ ଉତ୍ସବ ସଭାପତି ମିର୍ ହସିମୁଲ୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ (ଧାମନଗର) ଶରତ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓଡ଼ିଶା ମଦ୍ରାସା ବୋର୍ଡ ତଥା ସ୍ୱତନ୍ତ୍ର ଉର୍ଦ୍ଦୁ ବିଭାଗର ନିରୀକ୍ଷକ ଅନୱର ରୁଲ୍ ହକ୍, ସମ୍ମାନୀତ ଅତିଥି ଭାବେ ସମାଜସେବୀ ଜଗନ୍ନାଥ ବାହାଲିଆ, ଉମେଶ ଚନ୍ଦ୍ର ମାହାଲିକ୍, ୱାକଫ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସେକ୍ ନିଜାମୁଦ୍ଦିନ୍, ମଦ୍ରାସା ବୋର୍ଡର ପୂର୍ବତନ ସମ୍ପାଦକ ଅଫଜଲ ପରବେଜ୍, ପୂର୍ବତନ ସିଆର୍‌ସିସି ବିଭୁ ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ଛାତ୍ର ଛାତ୍ରୀ ମାନଙ୍କର ଉତ୍ତରୋତ୍ତର କାମନା କରିଥିଲେ। ପ୍ରଧାନ ମୌଲବୀ ମହମ୍ମଦ ଜାହାଙ୍ଗୀର ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟଙ୍ଗ କବି ଅପର୍ତ୍ତିସେଠୀ ସମ୍ବର୍ଦ୍ଧିତ




**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ଜଣାଶୁଣା ବ୍ୟଙ୍ଗକବି ଅପର୍ତ୍ତି ସେଠୀଙ୍କୁ ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ଶ୍ରୀରାମ ଚନ୍ଦ୍ର ଭବନ ପରିସରରେ ଅଭିମନ୍ୟୁ ସାମନ୍ତ ସିଂହାର ସାହିତ୍ୟ ସୃଜନୀ, ବଡଚଣା, ଯାଜପୁର ପ୍ରାୟୋଜିତ ଚତୁର୍ଥ ରାଜ୍ୟସ୍ତରୀୟ ବହୁଭାଷା କବିତା ଆସର ସମ୍ବର୍ଦ୍ଧନା ପୁସ୍ତକ ଉନ୍ମୋଚନ ଉତ୍ସବ-୨୦୨୬ ପାଳନ ଅବସରରେ ଶ୍ରୀ ସେଠୀଙ୍କୁ ୨୦୨୬ ସାମନ୍ତସିଂହାର ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଦୈନିକ ଓଡିଆ ଖବରକାଗଜ ସମାଜ ଓ ସାହିତ୍ୟ ପତ୍ରିକା ସତ୍ୟବାଦୀର ପ୍ରାକ୍ତନ ସମ୍ପାଦକ ଡକ୍ଟର ପ୍ରଭାସ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ ମୁଖ୍ୟବକ୍ତା, ରାଜୀବ କୁମାର ଷଡଙ୍ଗୀ ଓ ଡକ୍ଟର ମିନତୀ ମିଶ୍ର, ଅଶୋକ କୁମାର ସାମଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ନଟବର ପ୍ରଧାନ ତଥା ସଭାପତି ଡକ୍ଟର ନିରଞ୍ଜନ ପଣ୍ଡାଙ୍କ ସମେତ ଅନେକ କବି, ସାହିତ୍ୟିକ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ରେ ବରିଷ୍ଠ ନାଗରିକମାନଙ୍କୁ ପ୍ରଦାନ କରାଯିବା 'ଶତାୟୁ ସମ୍ମାନ'

**ବରଗଡ, ନ୍ୟୁଜ୍ ବ୍ୟୁରୋ**




ବରଗଡ ପୁରୋହିତ ଜେନେରାଲ ହସପିଟାଲ ପକ୍ଷରୁ ଆସନ୍ତା ଫେବୃୟାରୀ ୧୫ ତାରିଖ ମହାଶିବରାତ୍ରି ଦିନ ସ୍ଥାନୀୟ ବିଜୁପଟ୍ଟନାୟକ ଟାଉନ ହଲ ଠାରେ ବରଗଡ଼ ଜିଲ୍ଲାରେ ଥିବା ଶତାୟୁ ବୃଦ୍ଧ/ବୃଦ୍ଧା ମାନଙ୍କୁ ଶତାୟୁ ସମ୍ମାନ ୨୦୨୬ ପ୍ରଦାନ କରାଯିବ ବୋଲି ସଂସ୍ଥା ର ମୁଖ୍ୟ ଡାକ୍ତର ରାମକୃଷ୍ଣ ପୁରୋହିତ ଏକ ସମ୍ବାଦଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ମହାଶିବରାତ୍ରୀ ଦିନ ସଚେତନତାର ବାର୍ତ୍ତା ଦେଇ ପଣ୍ଡିତ ମାନଙ୍କ ମହାମୃତ୍ୟୁଞ୍ଜୟ ମନ୍ତ୍ର , ଶଙ୍ଖ, ବାଦ୍ୟ ତାଳେ ତାଳେ ପଶ୍ଚିମ ଓଡ଼ିଶାର ଅନେକ ଶତାୟୁ ମହିଳା ଓ ପୁରୁଷ ଙ୍କୁ ଫୁଲ, ଚନ୍ଦନ ଆଦି ପୂଜ୍ୟ ପୂଜା କରି ସେମାନଙ୍କ ଠାରୁ ଆଶିର୍ବାଦ ଗ୍ରହଣ କରାଯିବା କାର୍ଯ୍ୟକ୍ରମ ରହିଛି । ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତରରେ ଶତାୟୁ ମାନଙ୍କ ଯିବା ଆସିବା ଖର୍ଚ୍ଚ ସହିତ ସେମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରାଯିବ ଏହା ସହିତ ତାଙ୍କ ସହିତ ଆସିଥିବା ପରିବାରର ବ୍ୟକ୍ତିମାନଙ୍କୁ ଖାଇବା ପିଇବାର ବ୍ୟବସ୍ଥା କରାଯିବ ବୋଲି ଡାକ୍ତର ପୁରୋହିତ ସୂଚନା ପ୍ରଦାନ କରିଥିଲେ। ସଂସ୍ଥା ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ମମତା ପୁରୋହିତ ତାଙ୍କ ଅଭିଭାଷଣରେ ଓଡ଼ିଶାରେ ଶତାୟୁ ସମ୍ମାନ କେବଳ ପୁରୋହିତ ହସ୍ପିଟାଲ ପକ୍ଷରୁ ଏହା ଦ୍ୱିତୀୟ ବର୍ଷ ଏହାର ଗୁରୁତ୍ୱ ଏବଂ ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ହେଲଥ ଏଜୁକେସନ ଫାଉଣ୍ଡେସନ ର ସଂଯୋଜକ ତଥା ସାମ୍ବାଦିକ ରଞ୍ଜନ ଦେବତା ମଞ୍ଚାସିନ ଅତିଥି ଭାବେ ଯୋଗଦେଇ ଶତାୟୁ ସମ୍ମାନ ର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ । ସମଗ୍ର ପଶ୍ଚିମ ଓଡିଶାର ଯେକୌଣସି ସ୍ଥାନରୁ ୯୪୩୭୦୫୪୦୩୯ ଓ ୮୬୧୦୦୬୧୦୦ ଏହି ଡଷବଦ୍ୱପ୍ସଇକ୍ଟକ୍ଷ ନମ୍ବର ରେ ଶତାୟୁ ମାନଙ୍କୁ ଠାବ କରି ଫେବୃୟାରୀ ୧୨ ତାରିଖ ଗୁରୁବାର ସଂଧ୍ୟା ସୁଦ୍ଧା ଆବେଦନ କରିପାରିବେ ବୋଲି ଡାକ୍ତର ପୁରୋହିତ ଓ ଶ୍ରୀ ଦେବତା ଜଣାଇଛନ୍ତି । ଶେଷରେ ଅନୁଷ୍ଠାନ ର ସମ୍ପାଦକ ଡାକ୍ତର ରାଜ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତଟ ରେଳପଥ ପକ୍ଷରୁ ରେଳ କର୍ମଚାରୀମାନଙ୍କୁ ବିଶିଷ୍ଟ ରେଳ ସେବା ପୁରସ୍କାର ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

- ପୂର୍ବତଟ ରେଳପଥ ପକ୍ଷରୁ ବୁଧବାର ଭୁବନେଶ୍ୱରର ରେଳ ଅଡିଟୋରିୟମ ଠାରେ ବିଶିଷ୍ଟ ରେଳ ସେବା ପୁରସ୍କର ପ୨୦୨୫ ମହୋତ୍ସବ ପାଳନ କରି ଏହାର କର୍ମଚାରୀଙ୍କ ଅତୁଳନୀୟ ସେବା ତଥା ଉତ୍ସର୍ଗୀକୃତତାକୁ ସମ୍ମାନିତ କରିଛି । ଏହି କାର୍ଯ୍ୟକ୍ରମରେ ମୋଟ ୪୯ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇ ସ୍ୱୀକୃତି ଦିଆଯିବା ସହିତ ବିଭିନ୍ନ ରେଳ ମଣ୍ଡଳ ଏବଂ ରେଳ ୟୁନିଟ ଗୁଡିକର କାର୍ଯ୍ୟ ଦକ୍ଷତା ପାଇଁ ବିଭିନ୍ନ ଦକ୍ଷତା ସିଲ୍ଡ ପ୍ରଦାନ କରାଯାଇଅଛି । ଦୃଷ୍ଟାନ୍ତମୂଳକ ସେବା, ସାଧୁତା ଏବଂ ବୃତିଗତ ଉତ୍କର୍ଷତା ପାଇଁ, ପୂର୍ବ ତଟ ରେଳପଥର ବିଭିନ୍ନ ବିଭାଗ ଏବଂ ମଣ୍ଡଳର ୪୯ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନଜନକ ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଅଛି। ଏହି ପୁରସ୍କାର ବିଜେତାମାନଙ୍କ ମଧ୍ୟରେ ପରିଚାଳନା, ଇଞ୍ଜିନିୟରିଂ, ଯାନ୍ତ୍ରିକ, ବୈଦ୍ୟୁତିକ, ସିଗନାଲ ଏବଂ ଟେଲିକମ୍ୟୁନିକେସନ୍, ବାଣିଜ୍ୟିକ, ସୁରକ୍ଷା ଏବଂ ଅନ୍ୟାନ୍ୟ ଆଗଧାଡ଼ିର ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ସାମିଲ ଅଛନ୍ତି। ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ, ସେମାନଙ୍କର ପ୍ରତିବଦ୍ଧତା, କର୍ତବ୍ୟ ପ୍ରତି ସମର୍ପଣ ଏବଂ ସାଂଗଠନିକ ଉଦ୍ଦେଶ୍ୟ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏକ ମହତ୍ୱପୂର୍ଣ୍ଣ ସଫଳତାରେ, ୱାଲଟେୟାର ଏବଂ ସମ୍ବଲପୁର ଡିଭିଜନକୁ ଉଚ୍ଚମାନର କାର୍ଯ୍ୟ, ସୁରକ୍ଷା ଏବଂ ସେବା ବଜାୟ ରଖିବାରେ ସେମାନଙ୍କର ଉଦାହରଣୀୟ ଆଦର୍ଶ ପ୍ରଦର୍ଶନକୁ ସ୍ୱୀକୃତି ଦିଆଯାଇ ମିଳିତ ଭାବରେ ସାମଗ୍ରିକ ଦକ୍ଷତା ସିଲ୍ଡ ଦ୍ୱାରା ସମ୍ମାନିତ କରାଯାଇଛି । ସମ୍ବଲପୁର ରୋଡ୍ ରେଳ ମଣ୍ଡଳ ଅଧୀନରେ ଥିବା ସମ୍ବଲପୁର ଷ୍ଟେସନ୍ ଏବଂ ବରପାଲି ଷ୍ଟେସନକୁ ସେମାନଙ୍କର ଉଲ୍ଲେଖନୀୟ ପରିଷ୍କାର ପରିଚ୍ଛନ୍ନତା ପାଇଁ ମାନ୍ୟତା ଦିଆଯାଇଛି । ସମ୍ବଲପୁର ଷ୍ଟେସନକୁ ବଡ଼ ଷ୍ଟେସନ୍ ସ୍ୱଚ୍ଛତା ସିଲ୍ଡ ଏବଂ ବରପାଲି ଷ୍ଟେସନକୁ ଛୋଟ ଷ୍ଟେସନ ସ୍ୱଚ୍ଛତା ସିଲ୍ଡ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି । ଏହି ଉତ୍ସବରେ ରେଳବାଇ କର୍ମଚାରୀ ମାନଙ୍କୁ ଉଦବୋଧନ ଦେଇ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ରେଳ କର୍ମଚାରୀଙ୍କୁ ସେମାନଙ୍କର ଅତୁଳନୀୟ ପ୍ରତିବଦ୍ଧତା ଏବଂ ସେମାନଙ୍କ ଦାୟିତ୍ୱ ପୂରଣ କରିବାରେ ଅତୁଳନୀୟ ଉଦ୍ୟମ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଦଳଗତ କାର୍ଯ୍ୟର ଗୁରୁତ୍ୱ ଉପରେ ଶ୍ରୀ ଫୁଙ୍କୱାଲ ଗୁରୁତ୍ୱାରୋପ କରିଥିଲେ ଏବଂ କାର୍ଯ୍ୟକ୍ଷମତା ହାସଲ କରିବାରେ ନିରନ୍ତର ଉତ୍ସର୍ଗୀକୃତ ରହିବାକୁ କର୍ମଚାରୀ ମାନଙ୍କୁ ଉପଦେଶ ଦେଇଥିଲେ ।

ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୫ ସମାରୋହରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ର ସଭାପତି ଶ୍ରୀମତୀ କବିତା ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ବି.ଏସ.କେ. ରାଜକୁମାର, ସମସ୍ତ ବିଭାଗୀୟ ପ୍ରମୁଖ ଓ ବରିଷ୍ଠ ଅଧିକାରୀ ଓ ସମସ୍ତ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନେ ଯୋଗ ଦେଇଥିଲେ । ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ଏ. କେ. ଚତୁର୍ବେଦୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପୁରସ୍କାରର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ରେଳ ସେବା ପୁରସ୍କର -୨୦୨୫ ସମାରୋହରେ ପୂର୍ବତଟ ରେଳପଥର ଲୁକ୍କାୟିତ ପ୍ରତିଭା ମାନଙ୍କର କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତତାର ଆନ୍ତରିକ ସ୍ୱୀକୃତି ଏବଂ ରେଳ ବ୍ୟବସ୍ଥାର ସୁଗମ ତଥା ଦକ୍ଷ କାର୍ଯ୍ୟକୁ ସୁନିଶ୍ଚିତ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଇଥିଲା ।

# ଗଡ଼ଖାଇ ବ୍ୟାଖ୍ୟାନ କେନ୍ଦ୍ରରେ ଖର୍ଚ୍ଚ ହେବ ୧ କୋଟି ୭୨ ଲକ୍ଷ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଦୀର୍ଘ ଦିନ ତାଲା ପଡ଼ି ରହିଥିବା ଗଡ଼ଖାଇ ପାର୍ଶ୍ୱର୍ରେ ସୁନ୍ଦର ହେରିଟେଜ୍ ବିଲ୍‌ଡିଂ ବା ପର୍ଯ୍ୟଟକ ବ୍ୟାଖ୍ୟାନ କେନ୍ଦ୍ରକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ପ୍ରାୟ ୧ କୋଟି ୭୨ଲକ୍ଷ ଟଙ୍କା ଖର୍ଚ୍ଚରେ ଏହାର ରୂପରେଖ ବଦଳାଯିବ। ବିଶେଷକରି ଏହି ବିଲ୍‌ଡିଂ ଭିତରେ ପର୍ଯ୍ୟଟକଙ୍କ ପାଇଁ ଯାହା ଜରୁରୀ ସେସବୁ ଉପାଦାନକୁ ଖଞ୍ଜି ଦିଆଯିବ। ବାରବାଟୀ ଦୁର୍ଗ ଓ ଏହାର ଐତିହ୍ୟ ସମ୍ପର୍କରେ ଧାରଣା ପାଇବେ ପର୍ଯ୍ୟଟକ। ଅଡିଓ ଭିଜୁଆଲ୍ ସ୍କ୍ରିନିଂ ସହିତ ବାରବାଟୀ ଦୁର୍ଗ ପରିସରର ଖନନ ସମୟରେ ବାହାରିଥିବା ଐତିହାସିକ ସାମଗ୍ରୀକୁ ଏଠାରେ ସ୍ଥାନିତ କରାଯିବା ପରେ ବାରବାଟୀ ଦୁର୍ଗର ପ୍ରତିକୃତି ଆକର୍ଷଣୀୟ ହେବ।



ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ଏହି ବିଲ୍‌ଡିଂ ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ ନର୍ମାଣ କରାଯାଇ ଏଏସ୍‌ଆଇକୁ ହସ୍ତାନ୍ତର କରାଯାଇଛି। କିନ୍ତୁ ଏଏସ୍‌ଆଇ କାମରେ ଲଗାଇପାରୁନି। ଯାହାଫଳରେ ଏହି ବ୍ୟାଖ୍ୟାନ କେନ୍ଦ୍ର ଏବେ ନଷ୍ଟ ହେବାକୁ ବସିଲାଣି। ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ ଏଏସ୍‌ଆଇକୁ ହସ୍ତାନ୍ତର କରାଯିବାର ଦେଢବର୍ଷ ବିତିଥିବା ବେଳେ ଏହାର ଉପଯୁକ୍ତ ବ୍ୟବହାର ହୋଇନପାରିବାରେ ଅସନ୍ତୋଷ ଦେଖାଯାଉଛି। ୧୫ବର୍ଷ ତଳେ ଗଡ଼ଖାଇ ଓ ବାରବାଟୀ ଦୁର୍ଗ ସୌନ୍ଦର୍ଯ୍ୟକରଣ ପାଇଁ ୨୨ କୋଟିର ପ୍ରକଳ୍ପ ଘୋଷଣା କରାଯାଇଥିଲା। ଦୁଇବର୍ଷ ଅର୍ଥାତ୍ ୨୦୧୨ ସୁଦ୍ଧା ଶେଷ ହେବାକୁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏଏସ୍‌ଆଇର ଆପତ୍ତି ଯୋଗୁଁ କାମ ଅନେକ ଥର ପ୍ରଭାବିତ ହୋଇଥିଲା। ଏମିତିକି ଗଡ଼ଖାଇର ସୁରକ୍ଷା ପାଇଁ ପଥର ପ୍ୟାକିଂ କରାଯାଇଥିବା ବେଳେ ଦୁର୍ଗ ପାର୍ଶ୍ୱର୍ରେ ବ୍ୟାଖ୍ୟାନ କେନ୍ଦ୍ର ହେବ ବୋଲି ଘୋଷଣା କରାଯାଇଥିଲା। ଏହି ବ୍ୟାଖ୍ୟାନ କେନ୍ଦ୍ରରେ ପର୍ଯ୍ୟଟକ ଆସି ଉପଭୋଗ କରିପାରିବେ। ଅର୍ଥାତ୍ ଏଠାରେ ଲାଇଟ୍ ଆଣ୍ଡ ସାଉଣ୍ଡ ବ୍ୟବସ୍ଥା କରାଯିବ। ତା'ସହିତ କାଫେଟେରିଆ, ପାର୍କ, ପିଲାଙ୍କ ପାଇଁ ମନୋରଞ୍ଜନ ଆଦି ବ୍ୟବସ୍ଥା ରହିବ। ବିଳମ୍ବରେ ହେଉ ପଛେ ଏହି ବ୍ୟାଖ୍ୟାନ କେନ୍ଦ୍ରର କାମ ଶେଷ ହୋଇସାରିଛି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ତରଫରୁ ୫ କୋଟି ଟଙ୍କା ଖର୍ଚ୍ଚରେ ଏହି ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ କରାଯାଇଛି। ଏଥିରେ କ୍ଲୋଜ୍ ଆଇ ଲାଟେରାଇଟ୍ ପଥର ବ୍ୟବହାର କରାଯାଇଛି, ଯାହା ସାଧାରଣ ମାଙ୍କଡ଼ା ପଥରର ତିନିଗୁଣା ମୂଲ୍ୟ। ବାରବାଟୀ ଦୁର୍ଗ ଖନନ ସମୟରେ ବାହାରିଥିବା ବିଭିନ୍ନ ଐତିହ୍ୟ ସାମଗ୍ରୀକୁ ଏଠାରେ ସ୍ଥାନ ଦିଆଯିବା ନେଇ ଯୋଜନା ହୋଇଥିଲା। ଏବେ ଏହି ଯୋଜନାରେ ରାଜ୍ୟ ସରକାର ଆଗେଇଛନ୍ତି। ସାମଗ୍ରୀ ଗୁଡିକର ଐତିହାସିକ ମୂଲ୍ୟକୁ ଅଡିଓ-ଭିଜୁଆଲ୍ ବ୍ୟବସ୍ଥା କରାଯିବ। ସ୍କ୍ରିନ୍‌ରେ ଲୋକେ ବାରବାଟୀ ଦୁର୍ଗର ଭିଜୁଆଲ୍ ଦେଖିବେ ଏବଂ ଅଡ଼ିଓ ଶୁଣିପାରିବେ। ଏହାଦ୍ୱାରା ପର୍ଯ୍ୟଟକମାନେ ବାରବାଟୀ ଦୁର୍ଗର ଇତିହାସ ବାବଦରେ ସହଜରେ ଜାଣିପାରିବେ। ସେହିପରି ବାରବାଟୀ ଦୁର୍ଗର ଏକ ପ୍ରତିକୃତିକୁ ଏଠାରେ ସ୍ଥାନିତ କରାଯିବ। ଦୁର୍ଗ ଖନନ ସମୟରେ ବାହାରିଥିବା ଉପାଦାନ ସହିତ ବାରବାଟୀ ଦୁର୍ଗ ଓ ତତ୍କାଳୀନ ସମୟର ଓଡ଼ିଶାର ସ୍ଥିତି ବାବଦରେ ଫଟୋଚିତ୍ର ପ୍ରଦର୍ଶୀତ ମଧ୍ୟ କରାଯିବାକୁ ଯୋଜନା ରହିଛି। ଏ ସବୁ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ୧୧ ମାସ ମଧ୍ୟରେ କାର୍ଯ୍ୟ ସରିବ ବୋଲି ଜଣାପଡିଛି।

# ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍ଘାଟିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜ ଠାରେ ରାଜ୍ୟ ସରକାରଙ୍କ ଅଭିନବ କାର୍ଯ୍ୟକ୍ରମ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍ଘାଟିତ ହୋଇଅଛି । କଲେଜ ଅଧ୍ୟକ୍ଷା ଶ୍ରୀମତୀ ରିତା ରାଣୀ ପୁଝାରୀ ଏହି ଶିବିରକୁ ଉଦ୍ଘାଟନ କରିଥିବା ବେଳେ ୧୮୭ ଜଣ ଛାତ୍ରୀଙ୍କୁ ଏହି ଶିବିର ରେ ତାଲିମ ଦିଆଯିବ ବୋଲି ସୁଶ୍ରୀ ନିବେଦିତା ମିଶ୍ର ପ୍ରକାଶ କରିଛନ୍ତି । ପ୍ରକାଶ ଥାଉ କି ଯେ ନିର୍ଭୟା ଗଣ ଦୁଷ୍କର୍ମ ଘଟଣା ପର ଠାରୁ ଆମ ରାଷ୍ଟ୍ର ରେ ନାରୀ ମାନଙ୍କ ଆତ୍ମ ସୁରକ୍ଷା ପାଇଁ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ତଥା ବିଶ୍ୱ ବିଦ୍ୟାଳୟରେ ଛାତ୍ରୀ ମାନଙ୍କୁ ଅଭିନବ ଉପାୟରେ ତାଲିମ ପ୍ରଦାନ କରା ଯାଉଛି । ଆଜି ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜ ଠାରେ ଯୁକ୍ତ ତିନି ପ୍ରଥମ ବର୍ଷ ର ଛାତ୍ରୀ ମାନଙ୍କ ପାଇଁ ଏ ତାଲିମ ଶିବିର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମର ସଂଯୋଜିକା ମିତାଶ୍ରୀ ବାରିକଙ୍କ ଆବାହନରେ ମହା ବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ପୂର୍ଣ୍ଣିମା ମିଶ୍ର, ରଶ୍ମିତା ମିଶ୍ର, ଅଧ୍ୟାପକ କ୍ଷୀରୋଦ କୁମାର ମେହେର, ଦୁଃଖୀ ଶ୍ୟାମ ମେହେର, ଇଂରାଜୀ ଅଧ୍ୟାପକ ମଦନ ସୁନ୍ଦର କ୍ଷେତି, ଚେର ବୁଢ ହୋତା, ପ୍ରଭାସିନୀ ରଥ ପ୍ରମୁଖ କର୍ମଚାରୀ ଛାତ୍ରୀ ମାନଂକୁ ଆତ୍ମ ସୁରକ୍ଷା ପାଇଁ ପରାମର୍ଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଲମ୍ବୋଦର ମହାକୁଡ ଓ ସିନିଅର ଛାତ୍ରୀ ମାନେ ସହଯୋଗ କରିଥିଲେ । ଅଧ୍ୟାପିକା ପୂର୍ଣ୍ଣିମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଆଗକୁ ପଞ୍ଚାୟତ ନିର୍ବାଚନ ଅଥଚ ଘୁଞ୍ଚି ଚାଲିଛି ବୋର୍ଡ ଓ ନିଗମ ଘୋଷଣା

ବୋର୍ଡ ଓ ନିଗମ ଲଡୁ ମିଳିବ । ଏଇ ମାସରେ ଘୋଷଣା ହେବ। ନୂଆବର୍ଷ ସୁଦ୍ଧା ସରିବ । ପୁଣି ଜାନୁଆରୀ ଶେଷ ବେଳକୁ ଚୂଡ଼ାନ୍ତ ହୋଇଯିବ । ବରିଷ୍ଠ ନେତାଏ ଏମିତି ତାରିଖ ପରେ ତାରିଖ, ଆଉ କଣ୍ଟ ପରେ କଣ୍ଟ ଦେଇ ଚାଲିଛନ୍ତି । ଏପଟେ ଆଶାୟୀଙ୍କ ଧୈର୍ଯ୍ୟଚ୍ୟୁତି ଘଟିଲାଣି । ଆଗକୁ ପଞ୍ଚାୟତ ନିର୍ବାଚନ । ସମ୍ଭବତଃ ବର୍ଷ ଶେଷ ସୁଦ୍ଧା ପଞ୍ଚାୟତ ଲଢ଼େଇ ହୋଇଯିବ । ତଥାପି ଏଯାଏଁ ବୋର୍ଡ ଓ ନିଗମ ପଦ ଘୋଷଣା ଘୁଞ୍ଚି ଘୁଞ୍ଚି ଚାଲିଛି । ରାଜ୍ୟରେ ପ୍ରଥମଥର ପାଇଁ ବିଜେପି ଏକାକି ସରକାର ଗଢ଼ିଛି । ଅଢ଼େଇ ଦଶନ୍ଧି ଦିନ ଧରି ଜିତି ଆସୁଥିବା ବିଜେଡିକୁ ମାତ୍ ଦେଇ ଦଳ କ୍ଷମତାକୁ ଆସିବାରେ ସକ୍ଷମ ହୋଇଛି । ରାଜ୍ୟସ୍ତରରୁ ନେଇ ତୃଣମୂଳସ୍ତର ଯାଏ, ସାଂଗଠନିକ କାର୍ଯ୍ୟକ୍ରମକୁ ସକ୍ରିୟ କରି ଦଳ ଲୋକଙ୍କ ଆସ୍ଥା ଜିଣିଛି । ଅନେକ ନେତାଙ୍କ ସାଂଗଠନିତ ଦକ୍ଷତା ଯୋଗୁ ଏହା ସମ୍ଭବ ହୋଇଛି । ଏ ଲଢ଼େଇରେ ବହୁ ବିଜେପି ନେତା ବିଧାନସଭା ନିର୍ବାଚନ ହାରିଥିଲେ ବି ଦଳର ସଂଗଠନକୁ ମଜବୁତ କରିବାରେ ସେମାନଙ୍କ ବଡ଼ ଯୋଗଦାନ ଅଛି । ଆହୁରି ଅନେକ ନେତା ଅନେକ ନେତା ପଛରେ ରହି ଦଳକୁ ଟାଣୁଆ କରିଥିଲେ । ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ ହେଉ ବା ନିୟମିତ ସାମ୍ବାଦିକ ସମ୍ମିଳନୀ କରି ତତ୍କାଳୀନ ବିଜେଡି ସରକାରକୁ ଟାର୍ଗେଟ୍ କରୁଥିଲେ । ସେହିପରି ବହୁ ବିଜେଡି ଶିବିର ଛାଡ଼ି ବିଜେପିକୁ ଆସିଥିଲେ । କାହାକୁ ଟିକେଟ୍ ମିଳିଥିଲା ତ' ଆଉ କାହାକୁ ଭବିଷ୍ୟତ ପାଇଁ ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ବିଜେପି ସରକାର ଶପଥ ଗ୍ରହଣ ଦିନଠାରୁ ବୋର୍ଡ, ନିଗମ ପଦବୀରେ କାହାକୁ ଥଇଥାନ କରାଯିବ, ତାକୁ ନେଇ ଚର୍ଚ୍ଚା ଚାଲିଛି । ଆଶାୟୀମାନେ ଚାତକ ଭଳି ଅନାଇ ରହିଛନ୍ତି । ଦଳର ରାଜ୍ୟ ପ୍ରଭାରୀ ଏହାକୁ ନେଇ ଏକାଧିର ଥର ବୟାନ ଦେଇ ସାରିଲେଣି । ରାଜ୍ୟ ସଭାପତି ଓ ବରିଷ୍ଠ ନେତାମାନେ ବି ଏ ବାବଦରେ ଖୁବଶୀଘ୍ର ଘୋଷଣା ହେବ ବୋଲି ବାରମ୍ବାର କହୁଛନ୍ତି । ନୂଆପଡ଼ା ଉପନିର୍ବାଚନ ପରେ ଏହା ଘୋଷଣା ହେବ ବୋଲି ଏକପ୍ରକାର ନିଷ୍ପତ୍ତି ସରିଥିଲା । କିନ୍ତୁ ହେଲାନି। ନୂଆବର୍ଷରେ ନୂଆ ଦାୟିତ୍ୱ ଦିଆଯିବ ବୋଲି ମଧ୍ୟ ରାଜ୍ୟ ନେତୃତ୍ୱ କହିଲେ । ଏଯାଏଁ ହେଲାନି । ତେବେ ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବୋର୍ଡ ଓ ନିଗମ ପଦକୁ ନେଇ ପ୍ରାଥମିକ ତାଲିକା ସରିଥିଲା । ରାଜ୍ୟ ନେତୃତ୍ୱ ଏହି ତାଲିକା ନେଇ ଦିଲ୍ଲୀରେ ଦେଇଥିଲେ। କିନ୍ତୁ ନିର୍ଦ୍ଦିଷ୍ଟ କିଛି ନାଁକୁ ନେଇ ସହମତି ହୋଇପାରୁନି । ଏଥିସହ ଆଶାୟୀଙ୍କ ତାଲିକା ଏତେ ଅଧିକ ଯେ, କାହାକୁ ସାମିଲ କରାଯିବ ଓ କାହାକୁ ବାଦ୍ ଦିଆଯିବ, ସେ ନେଇ ନିଷ୍ପତ୍ତି ହୋଇପାରୁନି । ତଥାପି ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ପ୍ରକ୍ରିୟା ନିଶ୍ଚିତ ସରିଯିବ ବୋଲି ଜଣେ ବରିଷ୍ଠ ନେତା କହିଛନ୍ତି ।

# ମହାନ ପୁନଃନିର୍ମାଣ : ଭାରତ ଏବଂ ଆମେରିକା ଐତିହାସିକ 'ବଜାର ପାଇଁ ତେଲ' ବାଣିଜ୍ୟ ଚୁକ୍ତିରେ ମୋହର ମାରିଲେ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ଏକବିଂଶ ଶତାବ୍ଦୀର ଭୂରାଜନୈତିକ ଏବଂ ଅର୍ଥନୈତିକ ଦୃଶ୍ୟପଟକୁ ପୁନଃନିର୍ମାଣ କରିଥିବା ଏକ ପଦକ୍ଷେପ ଭାବରେ, ଭାରତ ଏବଂ ଯୁକ୍ତରାଷ୍ଟ୍ର ଫେବୃଆରୀ ୨, ୨୦୨୬ରେ ଏକ ଐତିହାସିକ ବାଣିଜ୍ୟ ଚୁକ୍ତିନାମାକୁ ଚୂଡାନ୍ତ କରିଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଭୟଙ୍କ ଦ୍ୱାରା ବର୍ଣ୍ଣିତ ଏହି ଐତିହାସିକ ଚୁକ୍ତିନାମା ଶୁଳ୍କ ଯୁଦ୍ଧର ଏକ ଅଶାନ୍ତ ସମୟରେ ଶେଷ ଏବଂ ଏକ ଗଭୀର ସମନ୍ୱିତ ଅର୍ଥନୈତିକ ଯୁଗର ଆରମ୍ଭକୁ ଚିହ୍ନିତ କରେ। ଏହି ଚୁକ୍ତିନାମା କେବଳ ଶୁଳ୍କ ହ୍ରାସ କରିବା ବିଷୟରେ ନୁହେଁ, ଏହା ଭାରତର ଶକ୍ତି ଉତ୍ସରେ ଏକ ମୌଳିକ ପରିବର୍ତ୍ତନ, ମେକ୍ ଇନ୍ ଇଣ୍ଡିଆ ପାଇଁ ଏକ ପ୍ରୋତ୍ସାହନ ଏବଂ ବିଶ୍ୱର ସର୍ବପୁରାତନ ଏବଂ ବୃହତ ଗଣତନ୍ତ୍ର ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟକୁ ପ୍ରତିନିଧିତ୍ୱ କରେ। ୧. ଚୁକ୍ତିନାମାର ଶରୀର ଗଠନ : ଶୁଳ୍କ ଏବଂ ବାଣିଜ୍ୟ–ଅଫ୍ ୨୦୨୬ ଚୁକ୍ତିନାମାର କେନ୍ଦ୍ରବିନ୍ଦୁ ହେଉଛି ଭାରତୀୟ ସାମଗ୍ରୀ ଉପରେ ଆରେିକାର ଆମଦାନୀ ଶୁଳ୍କରେ ଏକ ନାଟକୀୟ ହ୍ରାସ। ୨୦୨୫ ମସିହାର ଅଧିକାଂଶ ସମୟ ପାଇଁ, ଭାରତୀୟ ରପ୍ତାନୀକାରୀମାନେ 'ଶୁଳ୍କ କ୍ଲିଫ୍'ର ସମ୍ମୁଖୀନ ହୋଇଥିଲେ, ଯାହା ଭାରତର ରୁଷୀୟ ତୈଳ କ୍ରୟ ସହିତ ଜଡିତ ପାରସ୍ପରିକ ଶୁଳ୍କ ଏବଂ ଦଣ୍ଡାତ୍ମକ ସରଚାର୍ଜର ମିଶ୍ରଣ ଯୋଗୁଁ ମୋଟ ଶୁଳ୍କ ପ୍ରାୟ ୫୦% ପର୍ଯ୍ୟନ୍ତ ପହଂଚିଥିଲା। ନୂତନ ଶୁଳ୍କ ବ୍ୟବସ୍ଥା ନୂତନ ଢାଂଚା ଅନୁଯାୟୀ, ଆମେରିକା ଅଧିକାଂଶ ଭାରତୀୟ ସାମଗ୍ରୀ ଉପରେ ପ୍ରଭାବୀ ଶୁଳ୍କକୁ ୧୮%କୁ ହ୍ରାସ କରିଛି। ଏହି ହ୍ରାସ ଏହି ବିଷୟଗୁଡିକ ମଧ୍ୟରେ ଅନ୍ତର୍ଭୁକ୍ତ: ଭୂରାଜନୈତିକ ଘୁର୍ଣ୍ଣତା ଯୋଗୁଁ ପୂର୍ବରୁ ଲାଗୁ ହୋଇଥିବା ୨୫% ଦଣ୍ଡମୂଳକ ସରଚାର୍ଜକୁ ହଟାଇବା। ପାରସ୍ପରିକ ଶୁଳ୍କକୁ ୨୫% ରୁ ୧୮% କୁ ହ୍ରାସ କରିବା। ବୈଶିଷ୍ଟ୍ୟ ପୂର୍ବ–ଡିଲ୍ (୨୦୨୫) ନୂତନ ଚୁକ୍ତି (୨୦୨୬) ଭାରତୀୟ ସାମଗ୍ରୀ ଉପରେ ମୋଟ ଆମେରିକାର ଶୁଳ୍କ–୫୦% ୧୮% ଭାରତର ପାରସ୍ପରିକ ପ୍ରତିବଦ୍ଧତା ଉଚ୍ଚ ଶୁଳ୍କ /NTBs ଶୂନ୍ୟ–ଶୁଳ୍କ ଦିଗରେ ଆନ୍ଦୋଳନ ଲକ୍ଷ୍ୟ ଦୁଇ – ମାର୍ଗ ବାଣିଜ୍ୟ ଯଃ୨୧୨ ବିଲିୟନ (୨୦୨୫) ୧୫୦୦ ବିଲିୟନ + (ପ୍ରକଳ୍ପିତ) ଭାରତର ପ୍ରତିବଦ୍ଧତା ଏହି ବଜାର ପ୍ରବେଶ ପାଇଁ, ଭାରତ ଅନେକ ଉଚ୍ଚ–ପ୍ରତିବଦ୍ଧତା ଦେଇଛି। ରୁଷୀୟ ତୈଳ କେନ୍ଦ୍ର : ଭାରତ ମୁଖ୍ୟତଃ ଆମେରିକାର ଶକ୍ତି ବଜାରକୁ ଏହାର ସୋର୍ସିଂ ସ୍ଥାନାନ୍ତର କରି, ରୁଷୀୟ ଅଶୋଧିତ ତୈଳ କ୍ରୟକୁ ବନ୍ଦ କରିବା କିମ୍ବା ଉଲ୍ଲେଖନୀୟ ଭାବରେ ହ୍ରାସ କରିବାର ଇଚ୍ଛା ପ୍ରକାଶ କରିଛି। ୧୫୦୦ ବିଲିୟନ କ୍ରୟ ପ୍ରତିବଦ୍ଧତା : ଭାରତ ଆଗାମୀ ବର୍ଷଗୁଡିକରେ ଶକ୍ତି ଉପରେ ଧ୍ୟାନ ଦେଇ ୫୦୦ ବିଲିୟନ ଡଲାରରୁ ଅଧିକ ଆମେରିକୀୟ ସାମଗ୍ରୀ ଏବଂ ସେବା କ୍ରୟ କରିବାକୁ ପ୍ରତିବଦ୍ଧ, ପ୍ରଯୁକ୍ତିବିଦ୍ୟା, କୃଷି ଏବଂ ପ୍ରତିରକ୍ଷା ବଜାର ପ୍ରବେଶ : ଭାରତ ଆମେରୀକୀୟ କୃଷି ଉତ୍ପାଦ (ଯେପରିକି ଗଛ ବାଦାମ ଏବଂ କ୍ଷୀର) ପାଇଁ ପ୍ରତିବନ୍ଧକଗୁଡିକୁ ହ୍ରାସ କରିବ ଏବଂ ବଡ ଧରଣର ଶିଳ୍ପ କ୍ରୟରେ ଆମେରିକୀୟ କିନ୍ତୁ ପସନ୍ଦରୁ ଦୃଢ ଭାବରେ ଗ୍ରହଣ କରିବା। ୨. କ୍ଷେତ୍ରୀୟ ବିଜେତା : କିଏ ଲାଭ ପାଇବାକୁ ସ୍ଥିର? ୧୮% ଶୁଳ୍କ ସୀମା ଭାରତକୁ ବିଶ୍ୱ ବାଣିଜ୍ୟର ଏକ ମିଠା ସ୍ଥାନରେ ରଖିଛି, ଯାହା ଚୀନ୍ (୩୭%) ଭିଏତନାମ (୨୦%) ଏବଂ ବାଂଲାଦେଶ (୨୦%) ପରି ଆଂଚଳିକ ପ୍ରତିଯୋଗୀଙ୍କ ତୁଳନାରେ କମ୍ ହାର ପ୍ରଦାନ କରେ। ବସ୍ତ୍ର ଏବଂ ପୋଷାକ ଭାରତୀୟ ବସ୍ତ୍ର ପାଇଁ ଏକମାତ୍ର ଗନ୍ତବ୍ୟସ୍ଥଳ ଭାବରେ, ୨୦୨୫ ଶୁଳ୍କ ବୃଦ୍ଧି ସମୟରେ ଆମେରିକା ବଜାର ପ୍ରାୟ ହରାଇ ବସିଥିଲା। ୧୮% କୁ ହ୍ରାସ ହେବା ଦ୍ୱାରା ଦ୍ୱାରା ରାତାରାତି ଭାରତୀୟ ପୋଷାକର ମୂଲ୍ୟ ପ୍ରତିଯୋଗିତାକୁ ୩୦–୩୫% ବୃଦ୍ଧି ପାଇବାର ଆଶା କରାଯାଉଛି, ଯାହା ତିରୁପ୍ପୁର ଏବଂ ସୁରଟ ଭଳି ହବରେ ହଜାର ହଜାର MSME ଗୁଡିକୁ ପୁନର୍ଜୀବିତ କରିବ। ସୌର ଏବଂ ସବୁଜ ଶକ୍ତି ଶିଳ୍ପ ନେତାମାନେ ଏହି ଚୁକ୍ତିକୁ ରଣନୈତିକ ମୋଡ ବୋଲି କହିଛନ୍ତି। ଦଣ୍ଡାତ୍ମକ ଶୁଳ୍କ ଉଚ୍ଛେଦ ସହିତ, ଭାରତୀୟ ନିର୍ମିତ ସୌର ସେଲ୍ ଏବଂ ମଡ୍ୟୁଲ ଏବେ ଆମେରିକାର ଗ୍ରୀଡରେ ଚୀନ୍ ଉତ୍ପାଦ ପାଇଁ ଏକ ବିଶ୍ୱସନୀୟ, ମୂଲ୍ୟ–ପ୍ରତିଯୋଗିତାମୂଳକ ବିକଳ୍ପ। ଔଷଧ– ଭାରତ ଆମେରିକାରେ ବ୍ୟବହୃତ ଜେନେରିକ୍ ଔଷଧର ପ୍ରାୟ ୪୦% ଯୋଗାଇଥାଏ। କମ ଶୁଳ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଜୀବନ ରକ୍ଷାକରୀ ଔଷଧ ପାଇଁ ଲ୍ୟାଣ୍ଡେଡ୍ ଖର୍ଚ୍ଚ ହ୍ରାସ ପାଇବ, ଯାହା ଭାରତୀୟ ନିର୍ମାତା ଏବଂ ଆମେରିକୀୟ ଗ୍ରାହକ ଉଭୟଙ୍କୁ ଲାଭ ଦେବ। ୩. ପ୍ରତିରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା : COMPACT ଫ୍ରେମୱାର୍କ କେବଳ ବାଣିଜ୍ୟ ବାହାରେ, ଏହି ଚୁକ୍ତି ୨୦୨୫ରେ ଆରମ୍ଭ ହୋଇଥିବା ଆମେରିକା–ଭାରତ COMPACT। (ସାମର୍ଥ୍ୟ ସହଭାଗିତା, ତ୍ୱରିତ ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ପାଇଁ ଅନୁପ୍ରବେଶ ସୁଯୋଗ) ଦ୍ୱାରା ଆଙ୍କର କରାଯାଇଛି। ଜେଟ୍ ଇନ୍ : ଏହି ଚୁକ୍ତି ଭାରତରେ ର୪୧୪ ଇନ୍ ସହ–ଉତ୍ପାଦନ କରିବା ପାଇଁ GE-HAL ସହଭାଗିତାକୁ ତ୍ୱରାନ୍ୱିତ କରେ। ମାନବହୀନ ପ୍ରଣାଳୀ : ସ୍ଥାନୀୟ ରକ୍ଷଣାବେକ୍ଷଣ ଏବଂ ସମାବେଶ ପାଇଁ ବିସ୍ତାରିତ ବ୍ୟବସ୍ଥା ସହିତ MQ-9B ସିଗାର୍ଡିଆନ୍ ଡ୍ରୋନ୍ କ୍ରୟ କରିବାର ଯୋଜନା ପୁନର୍ବାର ଟ୍ରାକରେ ଆସିଛି। ମହାକାଶ ଏବଂ AI : ଏହି ଚୁକ୍ତି NASA-ISRO ମିଳିତ ମିଶନରେ ଗଭୀର ସହଯୋଗକୁ ସହଜ କରେ ଏବଂ ଭାରତକୁ ବିକାଶ ପାଇଁ ଉଚ୍ଚ–ସ୍ତରୀୟ ଆମେରିକୀୟ ପ୍ରୋସେସରଗୁଡିକୁ ଉନ୍ନତ ପ୍ରବେଶ ପ୍ରଦାନ କରେ। ୪. ରଣନୈତିକ ପ୍ରଭାବ : ରୁଷିଆ କାରକ ଚୁକ୍ତିନାମାର ସବୁଠାରୁ ସମ୍ବେଦନଶୀଳ ଦିଗ ହେଉଛି ଭାରତର ଶକ୍ତି ସାର୍ବଭୌମତ୍ୱ। ବର୍ଷ ବର୍ଷ ଧରି, ଭାରତ ଏହାର ଅର୍ଥନୀତିକୁ ସ୍ଥିର କରିବା ପାଇଁ ରିହାତିଯୁକ୍ତ ରୁଷିଆନ ଅଶୋଧିତ ତୈଳ ବ୍ୟବହାର କରିଥିଲା। ଏହି କ୍ରୟଗୁଡିକ ବନ୍ଦ କରିବା ପାଇଁ ଆମେରିକାର ଦାବି ଆଲୋଚନାରେ ପ୍ରାଥମିକ ବାଧା ଥିଲା। ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହୁଛି ଯେ ଶକ୍ତି ନିଷ୍ପତ୍ତି 'ଜାତୀୟ ସ୍ୱାର୍ଥ' ଦ୍ୱାରା ପରିଚାଳିତ ହୁଏ, ବାଣିଜ୍ୟ ଚୁକ୍ତି ପ୍ରଭାବଶାଳୀ ଭାବରେ ଏକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରେ। ବହୁଳ ବଜାର ପ୍ରବେଶ ପାଇଁ ଶସ୍ତା ତେଲ ବାଣିଜ୍ୟ କରି, ଭାରତ ବାଜି ଲଗାଉଛି ଯେ ଉତ୍ପାଦନ ଏବଂ ରପ୍ତାନୀରେ ଦୀର୍ଘକାଳୀନ ଲାଭ ଶକ୍ତି ମୂଲ୍ୟରେ ତୁରନ୍ତ ବୃଦ୍ଧିକୁ ପଛରେ ପକାଇବ–ଯାହା ବାର୍ଷିକ ଅତିରିକ୍ତ ୧୮–୧୨ ବିଲିୟନ ହେବ ବୋଲି ଆକଳନ କରାଯାଇଛି। ୫. ଚ୍ୟାଲେଞ୍ଜ ଏବଂ ଆଗକୁ ରାସ୍ତା ଉଲ୍ଲାସ ସତ୍ତ୍ୱେ, ଅନେକ ସୂକ୍ଷ୍ମ ମୁଦ୍ରଣ ପ୍ରସଙ୍ଗ ରହିଛି : କୃଷି ସମ୍ବେଦନଶୀଳତା : ଲକ୍ଷ ଲକ୍ଷ କ୍ଷୁଦ୍ର ଚାଷୀଙ୍କ ଉପରେ ପ୍ରଭାବ ଯୋଗୁଁ ଭାରତର ଦୁଗ୍ଧ ଏବଂ କୁକୁଡା ବଜାର ଖୋଲିବା ରାଜନୈତିକ ଭାବରେ ଦାୟୀ ରହିଛି। ବାଧକ ପ୍ରକୃତି: ସମାଲୋଚକମାନେ ଧ୍ୟାନ ଦିଅନ୍ତି ଯେ ଶୁଳ୍କ ହ୍ରାସ ତୁରନ୍ତ ହୋଇଥିଲେ ମଧ୍ୟ, ୫୦୦ ବିଲିୟନ ଡଲାର କ୍ରୟ ପ୍ରତିବଦ୍ଧତା ଏକ ଢାଂଚା ଯାହା ପାଇଁ ସ୍ଥାୟୀ ବାଣିଜ୍ୟିକ କାର୍ଯ୍ୟାନ୍ୱୟନ ଆବଶ୍ୟକ କରେ। ଆଇନଗତ ଔପଚାରିକତା : ଏକ ଏକ ଶୁଳ୍କ ପୁନଃସେଟ୍ ଏବଂ ଏକ ଦ୍ୱିପାକ୍ଷିକ ବୁଝାମଣା, ଏପର୍ଯ୍ୟନ୍ତ ଏକ ଆଇନଗତ ଭାବରେ ବାଧ୍ୟତାମୂଳକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା oure(FTA) ନୁହେଁ। ଉପସଂହାର ୨୦୨୬ ଭାରତ–ଆମେରିକା ବାଣିଜ୍ୟ ଚୁକ୍ତି ହେଉଛି ଏକ ମାଷ୍ଟରକ୍ଲାସ। ମହାନ ପୁନଃସ୍ଥାପନ : ଭାରତ ଏବଂ ଆମେରିକା ସମସ୍ତ ବାଣିଜ୍ୟ ଚୁକ୍ତିର ଜନନୀ ମୋହର ଲଗାଇଲେ ନୂତନ – ବିଶ୍ୱ ବାଣିଜ୍ୟର ଟେକ୍ଟୋନିକ୍ ପ୍ଲେଟଗୁଡିକ ମୌଳିକ ଭାବରେ ସ୍ଥାନାନ୍ତରିତ କରିଥିବା ଏକ ପଦକ୍ଷେପରେ ଭାରତ ଏବଂ ଆମେରିକା ଫେବୃଆରୀ ୨, ୨୦୨୬ରେ ଏକ ଐତିହାସିକ ବାଣିଜ୍ୟ ଚୁକ୍ତିନାମାକୁ ଚୂଡାନ୍ତ କରିଥିଲେ। କୂଟନୀତିଜ୍ଞମାନଙ୍କ ଦ୍ୱାରା ମହାନ ପୁନଃସ୍ଥାପନ ଭାବରେ ଡକାଯାଇଥିବା ଏହି ଚୁକ୍ତି ପ୍ରଭାବଶାଳୀ ଭାବରେ ପ୍ରାୟ ଏକ ବର୍ଷର ଶୁଳ୍କ ଯୁଦ୍ଧକୁ ଦଣ୍ଡ ଦେବାର ସମାପ୍ତି କରେ ଏବଂ ସେଗୁଡିକୁ ଏକ ରଣନୈତିକ ଅର୍ଥନୈତିକ ଗଠବନ୍ଧନ ସହିତ ବଦଳାଇଥାଏ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବିଳମ୍ବିତ ରାତିର ଫୋନ୍ କଲ୍ ମାଧ୍ୟମରେ ହୋଇଥିବା ଏହି ଚୁକ୍ତିନମା, ଭାରତୀୟ ସାମଗ୍ରୀ ଉପରେ ଆମେରିକାର ଶୁଳ୍କକୁ ଆଶ୍ଚର୍ଯ୍ୟଜନକ ଭାବରେ ୫୦% ରୁ ମାତ୍ର ୧୮% କୁ ହ୍ରାସ କରିଥାଏ, ଯାହା ତୁରନ୍ତ କାର୍ଯ୍ୟକାରୀ ହୁଏ। ୧. ସଫଳତାର ଶରୀର ଗଠନ ୨୦୨୬ ଚୁକ୍ତି ହେଉଛି ଶକ୍ତି, ଉତ୍ପାଦନ ଏବଂ ଭୂ–ରାଜନୀତି ସହିତ ଜଡିତ ଏକ ଉଚ୍ଚ–ଷ୍ଟେକ୍ ମହାନ ସୌଦା। ୨୦୨୫ ଶେଷ ଭାଗରେ ଭାରତୀୟ ରପ୍ତାନୀକାରୀମାନେ ଦୁଇ–ସ୍ତରୀୟ ଶୁଳ୍କ ଗଠନରେ ଜଡିତ ଥିଲେ। ଏକ ୨୫% ପାରସ୍ପରିକ ଶୁଳ୍କ ଏବଂ ଏକ ଅତିରିକ୍ତ ୨୫% ଦଣ୍ଡାତ୍ମକ ସରଚାର୍ଜ ଯାହା ବିଶେଷ ଭାବରେ ଭାରତ ଦ୍ୱାରା ରୁଷୀୟ ଅଶୋଧିତ ତେଲ କ୍ରୟ ସହିତ ଜଡିତ। ନୂତନ ଟାରିଫ୍ ମାଟ୍ରିକ୍ସ ଏହି ଚୁକ୍ତିନାମା ଜଟିଳ ଶୁଳ୍କ ଗଠନକୁ ସରଳ କରିଥାଏ ଯାହା ୧୩୦ ବିଲିୟନ ଡଲାର ଦ୍ୱିପାକ୍ଷିକ ପାଣିଜ୍ୟ ସମ୍ପର୍କକୁ ପଙ୍ଗୁ କରିଦେଇଥିଲା। ୨ ଫେବୃଆରୀ, ୨୦୨୬ ପୂର୍ବରୁ ଉପାଦାନ ସ୍ଥିତି ନୂତନ ସ୍ଥିତି (୨୦୨୬ ଚୁକ୍ତି) ମୂଳ ରେଖା / ପାରସ୍ପରିକ ଶୁଳ୍କ ୨୫% ୧୮% ରୁଷୀୟ ତୈଳ ସରଚାର୍ଜ ୨୫% ଅପସାରିତ (୦%) ମୋଟ ପ୍ରଭାବଶାଳୀ ଶୁଳ୍କ ୫୦% ୧୮%। ୨. ରଣନୈତିକ କେନ୍ଦ୍ର : ବଜାର ପ୍ରବେଶ ପାଇଁ ତେଲ ଏହି ଚୁକ୍ତିନାମାର ସବୁଠାରୁ ବିବାଦୀୟ ଏବଂ ପରିଣାମସ୍ୱରୁପ ସ୍ତମ୍ଭ ହେଉଛି ରୁଷୀୟ ଅଶୋଧିତ ତୈଳର ସମସ୍ତ କ୍ରୟକୁ ବନ୍ଦ କରିବାପାଇଁ ଭାରତର ପ୍ରତିବଦ୍ଧତା। ୨୦୨୨ ମସିହାରୁ, ଭାରତ ରିହାତି ମୂଲ୍ୟରେ ରୁଷୀୟ ୟୁରାଲ୍ସର ବିଶ୍ୱର ଶୀର୍ଷ କ୍ରେତା ଥିଲା, ଗୋଟିଏ ସମୟରେ ମସ୍କୋରୁ ଏହାର ମୋଟ ଆମଦାନିର ପ୍ରାୟ ୪୦% ଉତ୍ସ କରୁଥିଲା। ପ୍ରସ୍ଥାନ ଯୋଜନା : ଭାରତ ରୁଷୀୟ ଚୁକ୍ତିନାମାରୁ ପର୍ଯ୍ୟାୟକ୍ରମେ ପ୍ରତ୍ୟାହାର କରିବାର ସଙ୍କେତ ଦେଇଛି। ଏହାର ସ୍ଥାନରେ, ନୂଆଦିଲ୍ଲୀ ଯୁକ୍ତରାଷ୍ଟ୍ର ଏବଂ ସମ୍ଭାବ୍ୟ ଭେନେଜୁଏଲାରୁ ଶକ୍ତି ଆମଦାନୀକୁ ନାଟକୀୟ ଭାବରେ ବୃଦ୍ଧି କରିବ। ଭୂରାଜନୈତିକ ଲକ୍ଷ୍ୟ : ରାଷ୍ଟ୍ରପତି ଟ୍ରମ୍ପ ଏହି ପରିବର୍ତ୍ତନକୁ ସ୍ପଷ୍ଟ ଭାବରେ ରୁଷର ପ୍ରାଥମିକ ରାଜସ୍ୱ ପ୍ରବାହକୁ ବନ୍ଦ କରି ୟୁକ୍ରେନରେ ସଂଘର୍ଷ ସମାପ୍ତ କରିବାର ବ୍ୟାପକ ପ୍ରୟାସ ସହିତ ଯୋଡିଛନ୍ତି। ମୂଲ୍ୟ କାରକ : ବିଶ୍ଳେଷକମାନେ ଆକଳନ କରିଛନ୍ତି ଯେ ରୁଷୀୟ ରିହାତି ହରାଇବା ଦ୍ୱାରା ଭାରତୀୟ ରିଫାଇନର୍ସଙ୍କୁ ବାର୍ଷିକ ଅତିରିକ୍ତ ୧୮–୧୨ ବିଲିୟନ ଖର୍ଚ୍ଚ ହୋଇପାରେ। ତଥାପି, ସରକାର ବିଶ୍ୱାସ କରନ୍ତି ଯେ ଏହା ବିଶ୍ୱର ସର୍ବବୃହତ ଗ୍ରାହକ ବଜାରରେ ଅବାଧ ପ୍ରବେଶ ପାଇଁ ଦେୟ ଦେବା ଯୋଗ୍ୟ ମୂଲ୍ୟ। ୩. ୧୫୦୦ ବିଲିୟନ ପ୍ରତିଜ୍ଞା ଏବଂ ଆମେରିକୀୟ କିନ୍ତୁ ଆମେରିକର ପ୍ରଥମ ନୀତି ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ସମର୍ଥନରେ, ପ୍ରଧାନମନ୍ତ୍ରୀ ମୋଦି ଭାରତକୁ ଏକ ବିଶାଳ କ୍ରୟ ଯୋଜନା ପାଇଁ ପ୍ରତିବଦ୍ଧ କରିଛନ୍ତି। ଭାରତ ଆଗାମୀ କିଛି ବର୍ଷ ମଧ୍ୟରେ ୫୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ଆମେରିକୀୟ ସାମଗ୍ରୀ ଏବଂ ସେବା କ୍ରୟ କରିବାକୁ ପ୍ରତିଶ୍ରୁତି ଦେଇଛି। ପ୍ରମୁଖ କ୍ରୟ କ୍ଷେତ୍ର : ଶକ୍ତି ଏବଂ କୋଇଲା : ଭାରତର ଶିଳ୍ପ ପ୍ରସାରକୁ ଇନ୍ଧନ ଦେବା ପାଇଁ ଆମେରିକୀୟ LNG (ତରଳ ପ୍ରାକୃତିକ ଗ୍ୟାସ) ଏବଂ ଉଚ୍ଚମାନର କୋଇଲା ପାଇଁ ବିଶାଳ ଦୀର୍ଘକାଳୀନ ଚୁକ୍ତି। ପ୍ରତିରକ୍ଷା ଏବଂ ବିମାନ ଚଳାଚଳ : ଭାରତର ବେସାମରିକ ବିମାନ ଚଳାଚଳ ନୌବାହିନୀକୁ ଆଧୁନିକୀକରଣ କରିବା ପାଇଁ ଜେଟ୍ ଇନ୍ (ଏର ୪୧୪) ର ସହ–ଉତ୍ପାଦନ ଏବଂ ବୋଇଂ ବିମାନ ପାଇଁ ବଡ ପରିମାଣର ଅର୍ଡର। ପ୍ରଯୁକ୍ତିବିଦ୍ୟା : ଆମେରିକୀୟ ନିର୍ମିତ ସେମିକଣ୍ଡକ୍ଟର, AI ହାର୍ଡୱେୟାର ଏବଂ ଟେଲିକମ୍ୟୁନିକେସନ୍ ଉପକରଣର କ୍ରୟ, ଚୀନ୍ ବିକଳ୍ପ ଅପେକ୍ଷା ପ୍ରଭାବଶାଳୀ ଭାବରେ ଆମେରିକାକୁ ବାଛିବା। କୃଷି : ଆମେରିକୀୟ ଗଛ ବାଦାମ, ମକା ଡେଲିଭେଟିଭସ୍ ଏବଂ ଇଥାନଲ୍ ଫିଡଷ୍ଟକ୍ ପାଇଁ ସୀମିତ ବଜାର ପ୍ରବେଶ, ଯଦିଓ ଲାଲା ରେଖା ଦୁଗ୍ଧ ଏବଂ କୁକୁଡା ଉପରେ ରହିଛି। ୪. କ୍ଷେତ୍ରୀୟ ବିଜେତା : ଭାରତରେ ତିଆରି ପାଇଁ ଏକ ଉତ୍ସାହ ଘୋଷଣା ପରେ ମୁମ୍ବାଇ (ସେନସେକ୍ସ) ଏବଂ ନ୍ୟୁୟର୍କ (S && P ୫୦୦) ର ଷ୍ଟକ ବଜାର ଏକ ଐତିହାସିକ ରାଲି ସହିତ ପ୍ରତିକ୍ରିୟା ପ୍ରକାଶ କରିଥିଲା। ଭାରତୀୟ ଶିଳ୍ପ ପାଇଁ ଏହି ଚୁକ୍ତି ଏକ ଜୀବନ ରକ୍ଷାକରୀ। ବସ୍ତ୍ର ଏବଂ ପୋଷାକ : ୨୦୨୬ରେ ଆମେରିକାକୁ ରପ୍ତାନି ୩୦–୩୫% ବୃଦ୍ଧି ପାଇବାର ଆଶା କରାଯାଉଛି। ଭାରତ ବର୍ତ୍ତମାନ ଭିଏତନାମ ଏବଂ ବାଂଲାଦେଶ ପରି ଆଂଚଳିକ ପ୍ରତିଦ୍ୱନ୍ଦୀମାନଙ୍କ ଉପରେ ଏକ ପ୍ରତିଯୋଗିତାମୂଳକ ଅଗ୍ରଣୀ ରଖିଛି। ଔଷଧ : ଯଦିଓ ସବୁଠାରୁ କଠୋର ଶୁଳ୍କରୁ ବହୁ ପରିମାଣରେ ମୁକ୍ତ, ନୂତନ ଚୁକ୍ତି FDA ଯାଂଚକୁ ସୁଗମ କରିଥାଏ ଏବଂ ବିଶ୍ୱ ପାଇଁ ଔଷଧାଳୟ ଭାବରେ ଭାରତର ଭୂମିକାକୁ ସୁରକ୍ଷିତ କରିଥାଏ, ଯାହା ୪୦% ଆମେରିକୀୟ ଜେନେରିକ୍ ପ୍ରଦାନ କରେ। ଅଳଙ୍କାର ଏବଂ ରତ୍ନ : ଆମେରିକାକୁ ଭାରତର ସର୍ବବୃହତ ରପ୍ତାନୀ ବର୍ଗ ମଧ୍ୟରୁ ଗୋଟିଏ, ଏହି କ୍ଷେତ୍ର ଉଚ୍ଚ ଶୁଳ୍କ ପ୍ରତ୍ୟାହାର କରାଯିବ ସହିତ ପୁଞ୍ଜି କାର୍ଯ୍ୟକାରୀ ଚକ୍ରରେ ତୁରନ୍ତ ଆଶ୍ୱସ୍ତି ପାଇବ। ୫. ଦିଗନ୍ତରେ ଚ୍ୟାଲେଞ୍ଜ : ସୁନ୍ଦର ମୁଦ୍ରଣ ଉତ୍ସବ ସତ୍ତ୍ୱେ, ଆଗକୁ ପଥ ଜଟିଳତାରେ ପରିପୂର୍ଣ୍ଣ। ଏହା ଶାନ୍ତି ପାଇଁ ଏକ ଢାଂଚା, କିନ୍ତୁ ଯୁଦ୍ଧର ବିବରଣୀ ସୂକ୍ଷ୍ମ ମୁଦ୍ରଣରେ ଅଛି, ଜଣେ ବରିଷ୍ଠ ଭାରତୀୟ ବାଣିଜ୍ୟ ଆଲୋଚନାକାରୀ ଉଲ୍ଲେଖ କରିଛନ୍ତି। WTO ଅନୁପାଳନ : ଏହି ଚୁକ୍ତି, ବର୍ତ୍ତମାନ ଏକ ଅନ୍ତରୀଣ ବ୍ୟବସ୍ଥା ସର୍ବାଧିକ ଅନୁକୂଳ ରାଷ୍ଟ୍ର (MFN) ନୀତି ସମ୍ପର୍କରେ ବିଶ୍ୱ ବାଣିଜ୍ୟ ସଂଗଠନ (WTO) ଦ୍ୱାରା ଯାଂଚର ସମ୍ମୁଖୀନ ହେଉଛି। ରୁଷ ସମ୍ପର୍କ : ରୁଷ ପରି ସମୟ–ପରୀକ୍ଷିତ ଅଂଶୀଦାରଙ୍କଠାରୁ ଦୂରେଇ ଯିବା ଭାରତର ଅଣ–ସଂଯୋଜିତ ବୈଦେଶିକ ନୀତିରେ ଏକ ବିରାଟ ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରେ। କୃଷି ପ୍ରତିକ୍ରିୟା : ଭାରତୀୟ କୃଷକ ସଂଗଠନ (ସଂଯୁକ୍ତ କିଷାନ ମୋର୍ଚ୍ଚା) ପୂର୍ବରୁ ଚିନ୍ତା ପ୍ରକାଶ କରିଛି ଯେ କୃଷି କ୍ଷେତ୍ରକୁ ଆଂଶିକ ଭାବରେ ଖୋଲିବା ସବସିଡିଯୁକ୍ତ ଆମେରିକୀୟ ଉତ୍ପାଦର ବନ୍ୟା ଆଣିପାରେ। ନିଷ୍କର୍ଷ : ଏକ ନୂତନ ଯୁଗ ୨୦୨୬ ଭାରତ–ଆମେରିକା ବାଣିଜ୍ୟ ଚୁକ୍ତି କେବଳ ସାମଗ୍ରୀର ଏକ ଖାତା ନୁହେଁ ଏହା ଉଦ୍ଦେଶ୍ୟର ଘୋଷଣା। ଆମେରିକା ସହିତ ଆର୍ଥିକ ଏକୀକରଣ ପାଇଁ ରୁଷ ଉପରେ ଶକ୍ତି ନିର୍ଭରଶୀଳତା ବାଣିଜ୍ୟ କରି, ଭାରତ ବିଶ୍ୱ ଯୋଗାଣ ଶୃଙ୍ଖଳରେ ଚୀନର ପ୍ରାଥମିକ ବିକଳ୍ପ ଭାବରେ ନିଜକୁ ସ୍ଥାନିତ କରୁଛି। ଆମେରିକା ପାଇଁ, ଏହି ଚୁକ୍ତି ଭାରତ–ପ୍ରଶାନ୍ତ ମହାସାଗରରେ ଏକ ବିଶାଳ ବଜାର ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଆଡ୍ଡାକୁ ସୁରକ୍ଷିତ କରେ।

# ସତ୍ୟବାଦୀର ଶେଷସଖା - ଆଚାର୍ଯ୍ୟ ହରିହର



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପ ଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ ନଂ – ୯୯୩୭୬୯୧୪୭୫

ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ । ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି । ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ । ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର । ୧୮୭୯ ମସିହା ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା (ଫେବ୍ରୁଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି । ପାଂଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ । ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ । ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ । ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା ।

ଗାଁର ଭର୍ଣ୍ଣାକୁଳର ସ୍କୁଲରୁ ପାଶ୍‌କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ । ପାଉଥିବା ଚାରିଟଙ୍କା ବୃତ୍ତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ । ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ। ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ । ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା । ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ । ମାନବିକ ତଥା ବୈପ୍ଲବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ। ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ୍ୟ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ । ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଣ୍ଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଣ୍ଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ । ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି। ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ହରିହର ପାଲଟିଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ ।

ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର । ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି । ଦିନେଦିନେ ମା ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି । କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାନ୍ତୁନି" ? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ । ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ । ଏଫ.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ । କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ। ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ। ସରକାରୀ ଚାକିରୀରେ ମନ ମାନିଲା ନାହିଁ । ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ । ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି। ପଲିଟିକାଲ ଏଜେଣ୍ଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ। ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ । କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ । ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ । ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ । ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ । ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି । ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା । ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ । ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି । ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତ୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା। ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର ।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର । ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଂଚୁଡି ଅଭିମୁଖେ ବାହାରିଲେ । ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା । ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ । ୧୯୩୧ରେ ହରିହର ଜେଲରେ ଥାଆନ୍ତି । ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା । ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ । ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ । ହରିହର ଦୁଇଥର ବିବାହ କରିଥିଲେ ମଧ୍ୟ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା। ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ । ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀ ମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି। ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ । ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ । ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର । ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ। ଜଣେ ପଣ୍ଡିତ ମନୁ ସଂହିତାରୁ ଶ୍ଳୋକ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ । ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା। ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ । କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗ୍ରହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ ।

ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧ୍ୟକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ । ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖଦାୟକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା । ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ । ବିନୋବାଜୀଙ୍କ ଭୂଦାନ ଆନ୍ଦୋଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ । ୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି । ଫକୀର ମିଶ୍ରଙ୍କ ସାହାଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି। ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ । ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍‌କା । ସେ ଏକାବେଳକେ ତଟସ୍ଥ ହୋଇଗଲେ । ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା । ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହସ । ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର । ୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ । ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମାନଙ୍କୁ ପ୍ରେରଣା ଦେଇଥାନ୍ତି । ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଥାନ୍ତି । ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡେ । ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା । ୧୯୭୧ ଫେବ୍ରୁଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ । କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍ । ହଠାତ୍ ତୀର୍ଥ ପାଲଟିଗଲା। ସତ୍ୟର ପୂଜାରୀ, ଦୁଃସ୍ଥ, ନିଷ୍ପେସିତ, ଦରିଦ୍ର ଓ ଆର୍ତ୍ତରବନ୍ଧୁ । ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଞ୍ଚସଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





## ////////////////// ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ //////////////////

# କେନାଲ କିସମ ଜମିରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଉପରେ ନିଷେଧାଜ୍ଞା ଜାରି

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଲିଙ୍ଗିପୁର ପଞ୍ଚାୟତ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ରାୟ ପ୍ରଦାନ କରି ସରକାରୀ ପଦାଧିକାରୀ ଏବଂ ସମ୍ପୃକ୍ତ ସରପଞ୍ଚଙ୍କୁ ଭାରି ଝଟ୍‌କା ଦେଇଛନ୍ତି। ଲିଙ୍ଗିପୁର ପଞ୍ଚାୟତର କ୍ଷେତ୍ରମୋହନ ରାଉତ ଅଭିଯୋଗ କରିଥିଲେ ଯେ, ଲିଙ୍ଗିପୁର ପଞ୍ଚାୟତର ସରପଞ୍ଚ, ଅନ୍ୟାୟ ଭାବରେ ପଞ୍ଚାୟତ ସ୍ଥିତ ଖତିଆନ ନମ୍ବର ୭୫୮/୧ (କେନାଲ କିସମ ଜମି) ଉପରେ ଅବୈଧ ଭାବରେ ପଞ୍ଚାୟତ ଅଫିସ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଜମି କେନାଲ ପାଇଁ ଉଦ୍ଦିଷ୍ଟ ଥିବା ସତ୍ତ୍ୱେ, ସରକାରଙ୍କ ବିଧିବଦ୍ଧ ପରିମାପ ଓ ନିର୍ମାଣ ଅନୁମତି ବିନା ଘରକୋଠା ନିର୍ମାଣ କରାଯାଉଥିଲା। ପ୍ରକାଶଯୋଗ୍ୟ ଯେ ଲିଙ୍ଗିପୁର ଗ୍ରାମ ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମରେ ଅନ୍ତର୍ଭୁକ୍ତ ହେବାକୁ ଯାଉଛି । ତେଣୁ ଏଠାରେ ନୂତନ ପଞ୍ଚାୟତ ଗୃହ ନିର୍ମାଣର କୌଣସି ଆବଶ୍ୟକତା ନଥିବା ସତ୍ତ୍ୱେ ସରକାରୀ କଳ ଓ ଅର୍ଥର ଦୁରୁପଯୋଗ ହେବାକୁ ନେଇ ଜନ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସରପଞ୍ଚ ଏହାକୁ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ମାର୍କେଟ୍ କମ୍ପ୍ଲେକ୍ସ ନିମନ୍ତେ ନିର୍ମାଣ କରାଯାଉଛି ବୋଲି କହି ତରବରିଆ ଭାବେ କେନାଲ ଜମିକୁ କିସମ ପତିତ ରୂପେ ପରିବର୍ତ୍ତନ କରିଥିଲେ ଓ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । କିନ୍ତୁ ଏକ ପ୍ରାକୃତିକ ଜଳଧାରା ଓ ଜଳ ନିର୍ଗମନ ପଥ ବନ୍ଦ ହେବାଦ୍ୱାରା ଯେଉଁ ଅସୁବିଧା ହେବ ସେ ବିଷୟରେ ସରକାରୀ ଅଧିକାରୀ ମଧ୍ୟ ଚିନ୍ତା କରିନଥିଲେ ଓ ତା ୧୨.୦୧.୨୦୨୪ ରିଖରେ ଏକ ନିର୍ଦ୍ଦେଶନାମା ଜାରି କରି ନାଳର ଏ୦.୭୦୦ ଡି. ଜମି ପଞ୍ଚାୟତର ଗୃହ ଓ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଛାଡ଼ି ଦେଇଥିଲେ । ଏହି ଜନସ୍ୱାର୍ଥ ବିରୋଧୀ ପ୍ରୟାସକୁ ବିରୋଧ କରି ଲିଙ୍ଗିପୁରର କ୍ଷେତ୍ର ମୋହନ ରାଉତ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ପ୍ରାରମ୍ଭିକ ଶୁଣାଣି ସମୟରେ ଅଦାଲତ ନିର୍ମାଣ କାର୍ଯ୍ୟ ଉପରେ ଅସ୍ଥାୟୀ ରୋକ୍ ଲଗାଇଥିଲେ। ତା. ୦୪.୦୨.୨୦୨୬ ରିଖରେ ମାମଲାର ସବିଶେଷ ଶୁଣାଣି ନ୍ୟାୟମୂର୍ତ୍ତି ବି.ପି. ରାଉତରାୟଙ୍କ ଇଜଲାସରେ ହୋଇଥିଲା। ଶୁଣାଣି ପରେ ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବେ ଏହି ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣକୁ ସମ୍ପୂର୍ଣ୍ଣ ବେଆଇନ୍ ବୋଲି ଘୋଷଣା କରି ନିର୍ମାଣ ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଜାରି କରିଛନ୍ତି ଓ ଉପୋରୋକ୍ତ ତା ୧୨.୦୧.୨୦୨୪ ରିଖର ନିର୍ଦ୍ଦେଶନାମାକୁ ଖାରଜ କରିଛନ୍ତି । ଏହା ସହିତ ଭବିଷ୍ୟତରେ କେନାଲ କିସମ ଜମି, ଡ୍ରେନେଜ୍ ପାଇଁ ଉଦ୍ଦିଷ୍ଟ ଜମି ଏବଂ ବନ୍ଧ ସଂରକ୍ଷଣ ଜମି ଉପରେ କୌଣସି ନିର୍ମାଣ ଆଦେଶ ଜାରି କରିବା ପୂର୍ବରୁ ଉଚିତ ଭାବରେ ବିଚାର କରିବାକୁ ଓ ସତର୍କତା ଅବଲମ୍ବନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶୁତୋଷ ମିଶ୍ର, ଦେବବ୍ରତ କାନୁନ୍‌ଗୋ, ସରୋଜ କୁମାର ରାଉତରାୟ ଓ ବିକାଶ ରଞ୍ଜନ ଓଝା ମାମଲା ପରିଚାଳନା କରିଥିଲେ । ସେହିପରି ଲିଙ୍ଗିପୁର ସରପଞ୍ଚଙ୍କ ତରଫରୁ ସୁକାନ୍ତ କୁମାର ଦଳେଇ ଓ ଓଡ଼ିଶା ସରକାରଙ୍କ ତରଫରୁ ଡି. ନାୟକ ଯୁକ୍ତି ବାଢ଼ିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦ୍ୱାରା ଲିଙ୍ଗିପୁର ପଞ୍ଚାୟତର ସମସ୍ତ ବାସିନ୍ଦା ଆଶ୍ୱସ୍ତ ଅନୁଭବ କରିଛନ୍ତି । ସାଧାରଣ ମହଲରେ ସରକାର ଓ ସରପଞ୍ଚଙ୍କ ଏପରି ମନମାନି କାର୍ଯ୍ୟକଳାପକୁ ନିନ୍ଦା କରାଯାଉଥିବା ବେଳେ, ଅଦାଲତର ଛାଟ ପଡ଼ିଲେ ମାତ୍ର ଏମାନେ ସଠିକ୍ ପଥରେ ଆସନ୍ତି ବୋଲି ଆଲୋଚନା ହେଉଛି ।




# ସୁବର୍ଣ୍ଣପୁର ସହରର ବିକାଶ କାର୍ଯ୍ୟ ଅନୁଧ୍ୟାନ କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ସହରର ବସ୍‌ଷ୍ଟାଣ୍ଡ, ପଞ୍ଚରଥ ମନ୍ଦିର ଠୁଁ ମଝିପଡ଼ା ମେଡିକାଲ୍ ଛକ, ସଂସ୍କୃତ ସ୍କୁଲ, ଟ୍ରଷ୍ଟ ଫଣ୍ଡ ଅଫିସ୍, ହାତୀ ଶାଳ, ରାମଜୀ ନଗର ଠୁଁ ଆରମ୍ଭ କରି ବିଭିନ୍ନ ଅଞ୍ଚଳକୁ ଅଚାନକ ପରିଦର୍ଶନ କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ । ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ସେଠାରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଓ ବୁଝାମଣା କରିଥିବା ବେଳେ ଜାଗା ଖାଲି କରିବାକୁ ନିର୍ଦ୍ଧାରିତ ସମୟ ୨ ଦିନ ବଦଳରେ ୭ ଦିନ ଯାଏଁ ବଢାଇବାକୁ କହିଥିଲେ । ପରେ ପରେ ବିଜୁ ପଟ୍ଟନାୟକ ଛକ ଠାରୁ ମଝିପଡ଼ା ହନୁମାନ ମନ୍ଦିର ଛକ ଯାଏ ଟ୍ରଷ୍ଟ ଫଣ୍ଡ ଅଫିସ୍ ଯାଏ ବୁଲି ଅନେକ ଜବର ଦଖଲ ଜାଗାକୁ ତଦାରଖ କରିଛନ୍ତି । ପରେ ଟ୍ରଷ୍ଟ ଫଣ୍ଡ ଅଫିସ୍ କାର୍ଯ୍ୟାଳୟର ଇତିହାସ କଥା ବୁଝି ଆଶ୍ଚର୍ଯ୍ୟ ହେବା ସହ ଜିଲ୍ଲାରେ ଏକ ମାତ୍ର ସଂସ୍କୃତ ବିଦ୍ୟାଳୟ ବନ୍ଦ ପରିରହିଥିବା ଓ ସ୍କୁଲର ଭିତ୍ତିଭୂମି ପରିଦର୍ଶନ କରି ଶିକ୍ଷକ ଦରମା ନେଇ ବସିଛନ୍ତି ମାତ୍ର ଛାତ୍ରଛାତ୍ରୀ ନାହାନ୍ତି । ସହରରେ ପୌର ପରିଷଦର ଏକ ମାତ୍ର ଶୀତ କାଳୀନ ରାତ୍ରୀ ଆଶ୍ରୟସ୍ଥଳ ବା ବସ୍ତିହରା ଲୋକଙ୍କ ଆଶ୍ରୟସ୍ଥଳକୁ ପରିଦର୍ଶନ କରି କୌଣସି ବ୍ୟବହାରରେ ନଆସି ଏ ଜାଗା ଖାଲିପଡ଼ିଥିବା ଦେଖି କ୍ଷୋଭ ପ୍ରକାଶ କରିଥିଲେ । ଏବଂ ଦୀର୍ଘ ବର୍ଷରୁ ବ ସମସ୍ତ ଜାଗା ଜିଲ୍ଲା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଓ କୌଣସି ପ୍ରଶାସକ ବୁଦ୍ଧିଜୀବୀ ସଚେତନ ନାଗରିକଙ୍କ କାହାରି ବି ନଜରରେ ଆସିବା ବିଷୟ ବୁଝିଗ୍ୟ ଜନକ ବୋଲି କହିଥିଲେ । ପରେ ପରେ ହାତୀଶାଳ ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ ପରିଦର୍ଶନରେ ଯାଇ ସେଠାରେ ଥିବା ଜବର୍ ଦଖଲ୍ ଜାଗା ଚିହ୍ନଟ କରି ଶୀଘ୍ର ଖାଲି କରିବାକୁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଡିସ୍ମିସ୍ ହେବା ପରେ ଟ୍ରଷ୍ଟ ଫଣ୍ଡ ଅଫିସରେ ଆଜି ସୁଦ୍ଧା କର୍ମଚାରୀମାନେ ସରକାରୀ କ୍ୱାର୍ଟର ମାଡି ବସି ରାଜ ଭୋଗ କରୁଥିବା ଦେଖି କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୁଣି ରାମଜୀ ନଗର ଅଞ୍ଚଳ ବୁଲି ଏ ଅଞ୍ଚଳର ରାସ୍ତାର ଦୁରାବସ୍ଥା ଦେଖି ବିରକ୍ତି ପ୍ରକାଶ କରିଥିଲେ । ତୁରନ୍ତ ରାସ୍ତା ନିର୍ମାଣ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଥିବା ନୂତନ କଲ୍ୟାଣ ମଣ୍ଡପକୁ କାର୍ଯ୍ୟକ୍ଷମ କରିବା ପାଇଁ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ସତ୍ତ୍ୱର ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଏ ଗସ୍ତ ସମୟରେ ସ୍ଥାନୀୟ ବୁଦ୍ଧିଜୀବୀ ଗୋବିନ୍ଦ ମହାରଣାଙ୍କ ସମେତ ଅନେକ ସଚେତନ ନାଗରିକ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ଏ ଦୁଇ ଦିନିଆ ତୁଫାନୀ ଗସ୍ତରେ ରାମଜୀ ନଗର ବାସୀ ଓ ଅସ୍ଥାୟୀ ବସ୍‌ଷ୍ଟାଣ୍ଡର ବ୍ୟବସାୟୀ ଓ ବସ୍ ମାଲିକ ସଂଘ ଖୁସି ଓ ଜିଲ୍ଲା ପ୍ରଶାସନକୁ ପ୍ରଶଂସା କରିଥିବା ବେଳେ ସହରର କିଛି ଅଞ୍ଚଳର ଜବର ଦଖଲକାରୀଙ୍କ ମନରେ ଭୟ ଓ ଆତଙ୍କ ସୃଷ୍ଟି କରିଛି ।



# ବିଦ୍ୟାଳୟରେ ମଦ୍ୟପର ଉନ୍ମତ କାଣ୍ଡ:ପୋଲିସ ଦ୍ୱାରା ଅଟକ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲ୍ଲାର ଧାମନଗର ଥାନା ସୋହଡ଼ା ପଞ୍ଚାୟତ କଣ୍ଡାପାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ମଦ୍ୟପ ପସି ଛାତ୍ର ଛାତ୍ରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣକ ସ୍ଥାନୀୟ ଗ୍ରାମର ସନାତନ ସୁତାର ବୋଲି ଜଣାପଡିଛି। ପ୍ରକାଶ ଥାଉକି ମଧାହ୍ନ ଭୋଜନ ସମୟରେ ଛାତ୍ରଛାତ୍ରୀ ମାନେ ସ୍କୁଲ ପରିସରରେ ଥିବାବେଳେ ସନାତନ ମଦ୍ୟପାନ କରି ସ୍କୁଲରେ ପହଞ୍ଚି ଶିକ୍ଷକଙ୍କୁ ଗାଳି ଗୁଲଜ କରି ଛୁଆମାନଙ୍କୁ ମାଡ ମାରି ଆକ୍ରମଣ କରିଥିଲା। ଏହି ଘଟଣାରେ ୫ମ ଶ୍ରେଣୀର ତିନି ଜଣ ଛାତ୍ର ଜଗନଜିତ ଗାହାଣ, ପ୍ରୀୟତମ ପ୍ରକାଶ ଆଚାର୍ଯ୍ୟ ଓ ଶାନ୍ତନୁ ଶତପଥୀଙ୍କୁ ଆକ୍ରମଣ କରିଥିଲା। ଏଥିରେ ପିଲାଙ୍କର ଦେହରେ ମାଡ଼ ଚିହ୍ନ ଥିବା ସହ ଡ୍ରେସ୍ ଚିରିଯାଇଥିଲା। ଘଟଣା ସମୟରେ ସ୍ଥାନୀୟ ଯୁବକମାନେ ପହଞ୍ଚି ମଦ୍ୟପ ଯୁବକକୁ କାବୁ କରି ଧାମନଗର ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଏଏସ୍‌ଆଇ ନରେନ୍ଦ୍ର ରାଉତ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଥାନାକୁ ନେଇ ଅଟକ ରଖି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଏହି ଘଟଣାକୁ ନେଇ ଅଭିଭାବକ ଓ ସ୍ଥାନୀୟ ବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି।

# ଶତାଧିକ କର୍ମୀ ବିଜେପିରେ ଯୋଗଦେଲେ



**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ନିର୍ବାଚନ ମଣ୍ଡଳୀରେ ଶାସକ ବିଜେଡିର ମୂଳଦୁଆ ଦୋହଲି ଯାଇଛି। ଆଭ୍ୟନ୍ତରୀଣ କନ୍ଦଳ ଏବଂ ନେତୃତ୍ୱ ପ୍ରତି ଅସନ୍ତୋଷ କାରଣରୁ ବିଜେଡିର ଏକଦା ଶକ୍ତିକେନ୍ଦ୍ର କୁହାଯାଉଥିବା ଦୋବଲରେ ଦଳୀୟ ଦୁର୍ଗ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଶୈଳୀ ଏବଂ ବିଜେପିର ବିକାଶ ଧାରାରେ ଅନୁପ୍ରାଣିତ ହୋଇ ଦୋବଲ, ସୋହଡ଼ା, କରଦା, ଆନନ୍ଦପୁର ଓ ଖଡ଼ିପଦା ଭଳି ଅଞ୍ଚଳରୁ ଶତାଧିକ ବିଜେଡି କର୍ମୀ ଦଳ ପରିତ୍ୟାଗ କରି ପଦ୍ମ ଶିବିରରେ ସାମିଲ ହୋଇଛନ୍ତି। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବାସଭବନରେ ଆୟୋଜିତ ଏହି ଭବ୍ୟ ମିଶ୍ରଣ ପର୍ବରେ ପ୍ରାୟ ୧୦୦ ଜଣ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି। ମନ୍ତ୍ରୀ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ କହିଛନ୍ତି ଯେ, ଲୋକଙ୍କର ବିଜେଡି ପ୍ରତି ଥିବା ମୋହଭଙ୍ଗ ହୋଇସାରିଛି ଏବଂ ଧାମନଗରର ବିକାଶ ପାଇଁ ସମସ୍ତେ ଏକଜୁଟ୍ ହେଉଛନ୍ତି। ବିଜେଡି ପାଇଁ ସବୁଠାରୁ ବଡ଼ ଝଟ୍‌କା ଲାଗିଛି ଦୋବଲ ପଞ୍ଚାୟତରେ। ଦୋବଲ ପଞ୍ଚାୟତର ପୂର୍ବତନ ବିଜେଡି ସରପଞ୍ଚ ପ୍ରାର୍ଥୀ ତଥା ପ୍ରଭାବଶାଳୀ ନେତା କୃଷ୍ଣଚନ୍ଦ୍ର ପତି ଶଙ୍ଖ ଛାଡ଼ି ପଦ୍ମ ଧରିଥିଲେ। ତାଙ୍କ ସହ ଅବସରପ୍ରାପ୍ତ ଏବିଇଓ ଭୋଳାନାଥ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀକାନ୍ତ ସାହୁ ଏବଂ ଅନ୍ୟ ୨୨ ଜଣ ସକ୍ରିୟ କର୍ମୀ ବିଜେଡିର ଜନବିରୋଧୀ ନୀତିକୁ ନିନ୍ଦା କରି ବିଜେପିରେ ଯୋଗ ଦେଇଛନ୍ତି। କେବଳ ଦୋବଲ ନୁହେଁ, ଅନ୍ୟାନ୍ୟ ପ୍ରମୁଖ ପଞ୍ଚାୟତରେ ମଧ୍ୟ ବିଜେଡିର ସ୍ଥିତି ବିପର୍ଯ୍ୟସ୍ତ ହୋଇଛି। ଆନନ୍ଦପୁର ପଞ୍ଚାୟତର ଚମ୍ପାବାଗର ୱାର୍ଡ ମେମ୍ବର ରବୀନ୍ଦ୍ର ଦାସଙ୍କ ସମେତ ୭ ଜଣ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ସୋହଡ଼ା ପଞ୍ଚାୟତର ପୂର୍ବତନ ୱାର୍ଡ ମେମ୍ବର ଗଜେନ୍ଦ୍ର ଦାସ, ଦିଲୀପ ସାହ ଓ କହ୍ନେଇ ପୃଷ୍ଟିଙ୍କ ସମେତ ୧୫ ଜଣ କର୍ମୀ ବିଜେଡିକୁ ସବୁଦିନ ପାଇଁ ବାଏ-ବାଏ କରିଛନ୍ତି। ଖଡ଼ିପଦାରେ ଦଳର ମୁଖ୍ୟ ସ୍ୱର କୁହାଯାଉଥିବା ଭାଗିରଥୀ କ୍ଷେଣ୍ଟ, ଦାମୋଦର ଘଡ଼େଇ ଓ ରବିନାରାୟଣ ଦାସଙ୍କ ସମେତ ୧୩ଜଣ ନେତା ବିଜେପିର ଆଦର୍ଶକୁ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ଅରବିନ୍ଦ ପତି, ମୁକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ ସୂତାର ଏବଂ ଅନ୍ୟାନ୍ୟ ବରିଷ୍ଠ ବିଜେପି ନେତାମାନେ ଉପସ୍ଥିତ ରହି ବିଜେଡିର ବିଫଳତା ଉପରେ ବର୍ଷିଥିଲେ। ଏହି ଗଣ-ମିଶ୍ରଣ ପରେ ଧାମନଗର ରାଜନୀତିରେ ବିଜେଡି ଏକ ପ୍ରକାର ଅପ୍ରାସଙ୍ଗିକ ହୋଇ ପଡ଼ିଥିବା ଚର୍ଚ୍ଚା ହେଉଛି।

# ସଡ଼କ ଦୁର୍ଘଟଣା ରୋକିବା ପାଇଁ ଜିଲ୍ଲା ପ୍ରଶାସନର ପଦକ୍ଷେପ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଟାଉନ୍ ହଲ୍ ଠାରେ ଜିଲ୍ଲା ସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ଇଂ ସୁଷମା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ଡାକ୍ତରଖାନାର ଅଧୀକ୍ଷକ ଡାକ୍ତର ସଂଘମିତ୍ରା ପଣ୍ଡା, ଉପଆରକ୍ଷୀ ଅଧୀକ୍ଷକ ଗୌରାଙ୍ଗ ଚରଣ ସାହୁ, ଅଧ୍ୟାପକ ପ୍ରବୀର କୁମାର ଦାସ ମଞ୍ଚାସିନ ଥିଲେ । ଅତିଥିମାନେ ସଡ଼କ ସୁରକ୍ଷା ପାଇଁ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ ପ୍ରତିଷେଧମୂଳକ ପଦକ୍ଷେପ ଉପରେ ସଚେତନ କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ପ୍ରାରମ୍ଭରେ ଗତ ୨୦୨୫ ମସିହାରେ ଘଟିଥିବା ବିଭିନ୍ନ ସଡ଼କ ଦୁର୍ଘଟଣା ଓ ମୃତାହତ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ଦୁର୍ଘଟଣା ବ୍ୟକ୍ତିଙ୍କୁ ଚିକିତ୍ସାଳୟରେ ପହଞ୍ଚେଇ ଥିବା ସ୍ୱେଚ୍ଛାସେବୀ ମାନଙ୍କୁ ଦୁଇ ହଜାର ଟଙ୍କା ପୁରସ୍କାର କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଦାସ କାଠିଆ ନୃତ୍ୟ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡ୍ରାଇଭର ଭାଇ, ବନ୍ଧୁ ଓ ବରିଷ୍ଠ ନାଗରିକମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।



# ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଭାରତ ସରକାରଙ୍କ ଯୁବ ଏବଂ ଖେଳ ମନ୍ତ୍ରଣାଳୟର ଅଧିନରେ କାର୍ଯ୍ୟ କରୁଥିବା ମେରା ଯୁବ ଭାରତ ବରଗଡ, ଦ୍ୱାରା ଏକ ପାଞ୍ଚ ଦିନିଆ ଆନ୍ତଃ ଜିଲ୍ଲା ଯୁବ ବିନିମୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭିଡ଼ି ପ୍ଲେସ୍ ବରଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଗଞ୍ଜାମ ଜିଲ୍ଲାର ୧୦ଜଣ ଯୁବତୀ ଓ ୨୭ଜଣ ଯୁବକ ଅଂଶଗ୍ରହଣ କରିଛନ୍ତି । ଏହି ଶିବିର ୨ ତାରିଖରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଶିବିରର ପ୍ରଥମ ଦିବସରେ ଜିଲ୍ଲା ଯୁବ ଅଧିକାରୀ କମଳ ସା ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଦେଇ ଶିବିରକୁ ଉଦ୍‌ଘାଟନ କରିଥଲେ । ଦ୍ୱିତୀୟ ଦିନରେ ବରଗଡ଼ ଜିଲ୍ଲା ଆର୍‌ସିଟି, ଆଇଆଇଏଚ୍‌ଟି ଏବଂ ସାଇନ୍ସ ପାର୍କରେ ଜିଲ୍ଲାପାଳ ବରଗଡ଼ ଆଦିତ୍ୟ ଗୋୟଲ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଉପରେ ଜିଲ୍ଲା ଅଗ୍ନିଶମ ଅଧିକାରୀ ପ୍ରଶିକ୍ଷଣ ଦେଇଥିଲେ । ତୃତୀୟ ଦିବସରେ ଆଶୁ ଚିକିତ୍ସା, ସାଇବର ଠକାମୀ ସଚେତନତା ବିଷୟରେ ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷକ ତଥା ଏସ୍ ଆଇ ସାଇବର ସେଲ୍ ବରଗଡ଼ ବିଭିନ୍ନ ବିଷୟରେ ତାଲିମ୍ ପ୍ରଦାନ କରିଥଲେ। ବିକାଶ କଲେଜ୍‌ର ଡିନ୍ ଆର୍‌ଏସ୍‌ଭି କ୍ରୀଷ୍ଣା ଯୁବ ନେତୃତ୍ୱ ଓ ବ୍ୟକ୍ତିତ୍ୱ ବିକାଶ ଉପରେ ଏକ ଆକର୍ଷଣୀୟ ପ୍ରଶିକ୍ଷଣ ଦେଇଥିଲେ । ଶିବିରର ଚତୁର୍ଥ ଦିନରେ ଶିକ୍ଷାଲାଭ ପରିଦର୍ଶନ ପାଇଁ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର, ପାର୍ବତୀଗିରି ଆଶ୍ରମ, ଔଷଧୀୟ ବୃକ୍ଷ ଉଦ୍ୟାନ ସହିତ ଜଙ୍ଗଲ ବିଭାଗର ପ୍ରକୃତି ନିବାସକୁ ପରିଦର୍ଶନ ପାଇଁ ଯିବାରଅଛି । ପଞ୍ଚମ ଦିବସର ଉଜ୍ଜାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଧାୟକ ଭଟଲି ଇରାଶିଷ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବରେ ପଞ୍ଚାୟତ କଲେଜ୍‌ର ପୂର୍ବତନ ଅଧ୍ୟକ୍ଷ ପତିତପାବନ ସାହୁ, ସମ୍ମାନିତ ଅତିଥି ଭାବରେ ତ୍ରିଲୋଚନ ଶତପଥୀ ଯୋଗଦାନ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି । ଏହି ପାଞ୍ଚ ଦିନିଆ ଶିବିରରେ ସ୍ୱେଚ୍ଛାସେବୀ ଅନିଲ ସାହୁ, ଆଶିର୍ବାଦ ମହାପାତ୍ର, ଦୁର୍ଯ୍ୟୋଧନ ପାଣ୍ଡେ, ଛନ୍ଦାଚରଣ ଭୋଇ ସାହାଯ୍ୟ ସହଯୋଗ କରିଥିଲେ ।

# ବରିଷ୍ଠ ନାଗରିକମାନଙ୍କ ଭରଣପୋଷଣ ଓ କଲ୍ୟାଣ ନିମନ୍ତେ ପରାମର୍ଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ମାତା ପିତା ତଥା ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ କଲ୍ୟାଣ ଆଇନ୍-୨୦୦୭ର ସଚେତନତା କର୍ମଶାଳା କେନ୍ଦ୍ରାପଡା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଡିଏସ୍‌ପି ଗୋପୀନାଥ ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା କ୍ରିଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଦୀପ୍ତି ନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶିବମ ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କେନ୍ଦ୍ରାପଡା ଅନିରୁଦ୍ଧ ବେହେରା ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଦର ମହକୁମା ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରାଙ୍କ ସହ ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀମାନେ ଏବଂ ଜିଲ୍ଲାର ବିଭିନ୍ନ ବରିଷ୍ଠ ନାଗରିକ ସଂଘର ସଭ୍ୟ ଉପସ୍ଥିତ ରହିଥିଲେ । ଏହି କର୍ମଶାଳାରେ Help Age India ର ରାଜ୍ୟ ମୁଖ୍ୟ ଭାରତୀ ଚକ୍ର ରିସୋର୍ସ ପର୍‌ସନ୍ ଭାବେ ଯୋଗଦେଇଥିଲେ । ପ୍ରଥମେ ମୁଖ୍ୟ ଅତିଥି ତଥା ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟର ଶୁଭ ଉଦ୍ଘାଟନ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ସ୍ୱାଗତ ଭାଷଣ ପ୍ରଦାନ ସହ ଅତିଥିମାନଙ୍କ ପରିଚୟ ଓ ଉକ୍ତ ଆଇନ୍ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ଏହାପରେ Help Age Indiaର ରାଜ୍ୟ ମୁଖ୍ୟ ମାତା ପିତା ତଥା ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ କଲ୍ୟାଣ ଆଇନ୍-୨୦୦୭ର କାର୍ଯ୍ୟକାରିତା ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ଉପସ୍ଥିତ ଥିବା ସମସ୍ତ ଯୋଗଦାନକାରୀଙ୍କ Pre I Post Assessment ମଧ୍ୟ କରାଇଥିଲେ । ସର୍ବଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ନିଶାସକ୍ତ ଅବସ୍ଥାରେ ଗେଷ୍ଟ ହାଉସରେ ଭଙ୍ଗାରୁଜାକଲେ ଦୁର୍ବୃତ୍ତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ଗେଷ୍ଟ ହାଉସ୍‌ରେ ନାରକୀୟ କାଣ୍ଡ ଘଟାଇଲେ ୪ ଜଣ ଦୁର୍ବୃର୍ତ୍ତ । ନିଶାସକ୍ତ ଅବସ୍ଥାରେ ମାଡ଼ପିଟ୍ ସହିତ ଭଙ୍ଗା ରୁଜା କଲେ । ଖଣ୍ଡଗିରି ଗଙ୍ଗାମୁଣ୍ଡା ଅଞ୍ଚଳରେ ଥିବା ପ୍ୟାଲେସ୍ ଗେଷ୍ଟ ହାଉସ୍‌ରେ ବଡି ଭୋର୍‌ରୁ ୪ ଜଣ ଦୁର୍ବୃତ୍ତ ପହଞ୍ଚି ମାଗିଥିଲେ ରୁମ୍ । ରୁମ୍ ନାହିଁ ବୋଲି ମନା କରିବାରୁ ଉତ୍ୟକ୍ତ ହୋଇ ଯାହାକୁ ପାଇଲେ ତାକୁ ଭାଙ୍ଗିଲେ । ଯିଏ ହାବୁଡରେ ପଡିଲା ତାକୁ ପିଟିଲେ ଓ ବିଭିନ୍ନ ରୁମ୍ ମାନଙ୍କରେ ଥିବା ଗେଷ୍ଟ ମାନଙ୍କୁ ମଧ୍ୟ ମାଡ ମାରିଥିବାର ହୋଇଛି ଅଭିଯୋଗ । ସେପଟେ ପ୍ରଚୁର ନିଶାସକ୍ତ ଅବସ୍ଥାରେ ଅଭାବନୀୟ କାଣ୍ଡ ଘଟାଇଥିବା ସହିତ କ୍ୟାସ୍ କାଉଣ୍ଟରରେ ଥିବା ଟଙ୍କା ନେଇ ଛୁ ମାରିଥିଲେ । ଅଭିଯୋଗ ପରେ ସ୍ଥାନୀୟ ଚନ୍ଦ୍ରଶେଖରପୁର ଅଞ୍ଚଳରୁ ଅଭିଯୁକ୍ତ ମାନଙ୍କୁ ପୋଲିସ ଗିରଫ କରିଛି।




# ଓଡ଼ିଶା ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ସପ୍ତଦଶ ବାର୍ଷିକ ଅଧିବେଶନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଅବସରପ୍ରାପ୍ତ ଆୟକର କର୍ମଚାରୀ ସଂଘର ସପ୍ତଦଶ ବାର୍ଷିକ ଅଧିବେଶନ ଭୁବନେଶ୍ୱର ସ୍ଥିତ ଓଡ଼ିଶା ଆୟକର ମଣ୍ଡଳର ମୁଖ୍ୟାଳୟ ଆୟକର ଭବନର ପ୍ରେକ୍ଷାଳୟରେ ବର୍ତ୍ତମାନର ସଭାପତି ସ୍ୱରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶତାଧିକ ସଭ୍ୟ ସଭ୍ୟା ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସି ଏହି ଅଧିବେଶନରେ ଯୋଗଦେଇଥିଲେ । ଓଡ଼ିଶା ଆୟକର କର୍ମଚାରୀ ଫେଡରେସନର ସଭାପତି ରାଧାଶ୍ୟାମ ଗିରି, ସମ୍ପାଦକ ଚିତ୍ତରଂଜନ ପଟ୍ଟନାୟକ, ଓଡ଼ିଶା ଆୟକର ଗେଜେଟଡ ଅଧିକାରୀ ସଂଘର ସଭାପତି ଚନ୍ଦନ ଘଡାଇ ଓ ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଏହି ଅଧିବେଶନରେ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ବରିଷ୍ଠ ସଭ୍ୟ ପ୍ରସନ୍ନ କୁମାର ମିଶ୍ର, ଶିବପ୍ରସାଦ ସ୍ୱାଇଁ ଓ ଅନ୍ୟ ବହୁ ସଦସ୍ୟ ଆଲୋଚନା କରିଥିଲେ । ସଂଘର ବାର୍ଷିକ ବିବରଣୀ ପାଠ ଓ ଆୟବ୍ୟୟର ସମୀକ୍ଷା କରିଥିଲେ ସମ୍ପାଦକ ରବୀନ୍ଦ୍ରନାଥ ମହାନ୍ତି । ଆଗାମୀ ଦୁଇବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ବରିଷ୍ଠ ସଦସ୍ୟ ଜୟନ୍ତ କୁମାର ହୋତାଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ନିମ୍ନ ଲିଖିତ ସଭ୍ୟମାନେ ବିଭିନ୍ନ ପଦ ପାଇଁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ- ସଭାପତି: ବିଧୁଭୂଷଣ ମହାନ୍ତି, ଉପସଭାପତି: ଶରତ କୁମାର ଦାଶ ଓ ମନୋରଞ୍ଜନ ପାଣିଗ୍ରାହୀ, ସମ୍ପାଦକ: ରବୀନ୍ଦ୍ରନାଥ ମହାନ୍ତି, କଟକ ସମ୍ପାଦକ: ବସନ୍ତ କୁମାର ବେହେରା, ବ୍ରହ୍ମପୁର ସମ୍ପାଦକ: ମନମୋହନ ରାଓ, ସମ୍ବଲପୁର ସମ୍ପାଦକ: ରାମ ନାରାୟଣ ନାୟକ, କୋଷାଧ୍ୟକ୍ଷ: ମଙ୍ଗରାଜ ସେଠୀ, କାର୍ଯ୍ୟକାରିଣୀ ସଦସ୍ୟ: ସର୍ବଶ୍ରୀ ବ୍ରଜେନ୍ଦ୍ରନାଥ ମହାନ୍ତି, କେ.ସି ସାହାଣୀ, ଲାଲମୋହନ ମାଝୀ, ନିର୍ମଳେନ୍ଦୁ ଗୁପ୍ତା, ଗୌରାଙ୍ଗ ସାହୁ, ଚିତ୍ତରଞ୍ଜନ ଦାଶ, କମ୍ବୁପାଣି ପଟ୍ଟନାୟକ, ଚିନ୍ତାମଣି ଦାସ, ମନୋରଞ୍ଜନ ପଟ୍ଟନାୟକ ଓ ଚିନ୍ତାମଣି ଦାସ । ସ୍ୱରାଜ ମହାନ୍ତି ପୂର୍ବତନ ସଭାପତି ଭାବେ କାର୍ଯ୍ୟକାରିଣୀର ସଦସ୍ୟ ରହିବେ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା । ମଧ୍ୟାହ୍ନଭୋଜନ ପରେ ଅଧିବେଶନ ସମାପ୍ତ ହୋଇଥିଲା ।

# କିଶୋରୀମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଦକ୍ଷତା ବିକାଶ ଜରୁରୀ



**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଉଦ୍ୟମରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତାଲିମ୍ ଶିବିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ (ସାଧାରଣ) ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ତାଲିମ୍ ଶିବିରର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ଡା. ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଶିକ୍ଷା ଅଧିକାରୀ ପୂର୍ଣ୍ଣିମା ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗୋହିରାଙ୍କ ସମେତ ଅନ୍ୟ ଅଧିକାରୀମାନେ ମଧ୍ୟ ମଞ୍ଚାସୀନ ହୋଇ କିଶୋରୀ ବାଳିକା ମାନଙ୍କର ଉଜ୍ଜ୍ୱଳ ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ବିଭିନ୍ନ ପ୍ରକାରର ଦକ୍ଷତା ବିକାଶର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ଭଲ ସୂଚନା ଗୁଡ଼ିକ ନିଜେ ଜାଣିବା ସହିତ ଅନ୍ୟମାନଙ୍କୁ ଜଣାଇବା ଆବଶ୍ୟକ। ଚାକିରି ପଛରେ ନଧାଇଁ ଲୋକମାନଙ୍କୁ ଚାକିରି ଦେବା ପାଇଁ ଅତିଥିମାନେ କିଶୋରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ତାଲିମ୍ କାର୍ଯ୍ୟକ୍ରମରେ ୧୦ ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ପାଇଁ ଆୟୋଜନ କରାଯାଇଥିଲା । ଏହି ତାଲିମ୍ ଶିବିରରେ ୪୦ରୁ ଉର୍ଦ୍ଧ୍ୱ କିଶୋରୀମାନେ ଭାଗ ନେଇଥିଲେ । ଏଠାରେ ମୌଳିକ କମ୍ପ୍ୟୁଟର ଶିକ୍ଷା, ଇଣ୍ଟରନେଟ୍ ବ୍ୟବହାର, ଇମେଲ୍ ସେଟ୍‌ଅପ୍, ସୁରକ୍ଷିତ ଡିଜିଟାଲ୍ ଅଭ୍ୟାସ, ପ୍ରଭାବଶାଳୀ ଯୋଗାଯୋଗ ଦକ୍ଷତା, ଉପସ୍ଥାପନା ଦକ୍ଷତା, ଆନ୍ତଃବ୍ୟକ୍ତିଗତ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ ବୃତ୍ତିଗତ ଶିଷ୍ଟାଚାର, ବୃତ୍ତିଗତ ଦକ୍ଷତା, ଉନ୍ନତ କୌଶଳ ସହିତ ବ୍ୟବହାରିକ ତାଲିମ୍, ଏକ ଛୋଟ ପ୍ରକଳ୍ପର ପ୍ରସ୍ତୁତି ଇତ୍ୟାଦି ଦକ୍ଷତା ଉପରେ କିଶୋରୀମାନଙ୍କୁ ତାଲିମ୍ ଦିଆଯାଇଥିଲା। ଏହି ଅବସରରେ ତାଲିମ୍ ପ୍ରଦାନ କରିବା ପାଇଁ ଆସିଥିବା ଅଧିକାରୀମାନେ ହେଲେ, ସରକାରୀ ଆଇଟିଆଇ କଲେଜର ଆଇଟି ମୁଖ୍ୟ, କଲେଜର ଇଂରାଜୀ ଅଧ୍ୟାପକ, ନିଯୁକ୍ତି କାର୍ଯ୍ୟାଳୟର ପ୍ରଶିକ୍ଷକ ଏବଂ ଲିଡ୍ ବ୍ୟାଙ୍କର ମୁଖ୍ୟ ଉପସ୍ଥିତ ରହି କିଶୋରୀ ବାଳିକାମାନଙ୍କର ଉତ୍ତମ ଭବିଷ୍ୟତ ପାଇଁ ଦକ୍ଷତା ବିକାଶ କରିବା ଏବଂ ଆଗାମୀ ଦିନରେ କିପରି ଆର୍ଥିକ ସ୍ଥିରତା ବଜାୟ ରହିବ, ସେ ସମ୍ପର୍କରେ ତାଲିମ୍ ପ୍ରଦାନ କରିଥିଲେ। କିଶୋରୀ ବାଳିକାମାନଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧିକ ସାରସ୍ୱତ କରିବା ପାଇଁ ଜିଲ୍ଲାର ସମସ୍ତ ଶିଶୁ ପ୍ରକଳ୍ପ ଅଧିକାରୀ, କିଶୋରୀ ବାଳିକା, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଓ ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ପ୍ରୋଟେକ୍‌ସନ୍ ଅଧିକାରୀ ଯୁଥିକାରାଣୀ ରାୟ ଉପସ୍ଥିତ ଅତିଥିବୃନ୍ଦ, ସମ୍ବଳ ବ୍ୟକ୍ତିତ୍ୱ, ସହଯୋଗୀ କର୍ମକର୍ତ୍ତା, ଶିଶୁ ପ୍ରକଳ୍ପ ଅଧିକାରୀ ସମେତ ଉପସ୍ଥିତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାମାନେ ଅବକାରୀ ଥାନା ଘେରିଲେ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର ବିରୁଦ୍ଧରେ ଶୁକ୍ରବାର ଦିନ ଶତାଧିକ ମହିଳା ଧର୍ମଶାଳା ଅବକାରୀ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ। ଜାରକା ଓ ଜାମୁବଣିଆ ଅଞ୍ଚଳରେ ସ୍ଥାନୀୟ ଲୋକେମାନେ ମଦୁଆଙ୍କ ପାର୍ଦ୍ଦୁ ଭାବରେ ରାସ୍ତାଘାଟରେ ଚଳପ୍ରଚଳ କରିପାରିନାହାନ୍ତି, ବହୁ ପରିବାର ଉଜୁଡିଗଲାଣି। ସେଠାରେ ଅବକାରୀ କାର୍ଯ୍ୟାଳୟଥିଲେ ମଧ୍ୟ ଖୋଲାଖୋଲି ଭାବେ ଚୋରାମଦ ବିକ୍ରି ହେଉଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। କବିତା ପ୍ରଧାନ, ରେବତୀ ସାମଲ, ପ୍ରମିଳା ବାରିକ, ସୁଜାତା ଦେହୁରୀ, ଗୀତା ସାହାଣୀ, ପାର୍ବତୀ ସାମଲ ପ୍ରମୁଖ ଶତାଧିକ ମହିଳା ପଟୁଆରରେ ଯାଇ ଅବକାରୀ ଇନ୍ସପେକଟରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



# ଆମେରିକାକୁ ହରାଇ ଭାରତର ବିଜୟ ଅଭିଯାନ ଆରମ୍ଭ



**ମୁମ୍ବାଇ**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ପରିଚାଳିତ ପୁରୁଷ ବିଶ୍ୱକପ୍-୨୦୨୬ର ତୃତୀୟ ମ୍ୟାଚ୍‌ରେ ଶନିବାର ଆମେରିକାକୁ ଭାରତ ୨୯ ରନ୍‌ରେ ପରାସ୍ତ କରିଛି। ଭାରତ ଏହି ମୁକାବିଲାରେ ଆମେରିକାକୁ ବିଜୟ ପାଇଁ ୧୬୨ ରନ୍‌ର ଲକ୍ଷ୍ୟ ଦେଇଥିଲା। ଟାର୍ଗେଟ ପଛରେ ଧାଇଁ ଆମେରିକା ୮ଟି ୱିକେଟ୍‌ରେ ୧୩୨ ରନ୍ କରିଥିଲା।

ଏହି ମ୍ୟାଚରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଅକ୍ଷର ପଟେଲ ଏବଂ ମହମ୍ମଦ ସିରାଜ ଦମଦାର ପ୍ରଦର୍ଶନ କରିଛନ୍ତି। ସୂର୍ଯ୍ୟକୁମାର ଯାଦବ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଆଗଧାଡ଼ିର ଖେଳାଳିମାନେ ଶସ୍ତାରେ ଆଉଟ୍ ହେଲା ପରେ ସେ ଧୈର୍ଯ୍ୟ ଧରି ଖେଳିଥିଲେ। ସେ ୪୯ଟି ବଲ୍ ଖେଳି ଅପରାଜିତ ୮୪ ରନ୍ ସଂଗ୍ରହ କରିଥିଲେ। ଏଥିରେ ୧୦ଟି ଚୌକା ଏବଂ ୪ଟି ଛକା ସାମିଲ ଥିଲା। ଭାରତୀୟ ବୋଲର ମହମ୍ମଦ ସିରାଜ ସର୍ବାଧିକ ୩ଟି ୱିକେଟ୍ ନେଇଥିଲା ବେଳେ ଅକ୍ଷର ପଟେଲ ଓ ଅର୍ଶଦୀପ ସିଂହ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

## ଶ୍ରୀଲଙ୍କାର ବଡ଼ ଅନୁରୋଧ: ମ୍ୟାଚ୍ ବର୍ଜନ ଉପରେ ପୁନଃ ବିଚାର କରିପାରେ ପାକିସ୍ତାନ



**କରାଚୀ**

ଆସନ୍ତା ୧୫ ତାରିଖରେ କଲମ୍ବୋରେ ଭାରତ ବିପକ୍ଷ ଟି୨୦ ମ୍ୟାଚକୁ ବର୍ଜନ କରିବା ନିଷ୍ପତ୍ତି ଉପରେ ପାକିସ୍ତାନ ପୁନଃ ବିଚାର କରିପାରେ। ଭାରତ-ପାକିସ୍ତାନ ବହୁ ପ୍ରତିକ୍ଷିତ ମ୍ୟାଚ୍ ଖେଳା ନ ଗଲେ ହେବାକୁ ଥିବା କ୍ଷତିକୁ ଦର୍ଶାଇ ଶ୍ରୀଲଙ୍କା ପକ୍ଷରୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପୁନଃ ବିଚାର କରିବାକୁ ଅନୁରୋଧ କରାଯାଇଥିଲା। ଏହି ସମ୍ପର୍କରେ ପିସିବି ସରକାରଙ୍କ ସହ ଆଲୋଚନା କରିବ ବୋଲି ଆଶା କରାଯାଉଛି।

ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ସର୍ବଦା ସରକାରୀ ଓ କ୍ରିକେଟସ୍ତରରେ ଭଲ ସମ୍ପର୍କ ରହି ଆସିଛି। ଏଣୁ ଶ୍ରୀଲଙ୍କା ବୋର୍ଡ ପକ୍ଷରୁ କରାଯାଇଥିବା ମେଲକୁ ଅଣଦେଖା କରାଯାଇପାରିବ ନାହିଁ।

ଶ୍ରୀଲଙ୍କା କ୍ରିକେଟ ମୁଖ୍ୟ ଶାମି ସିଲଭା ସିଧାସଳଖ ପିସିବି ମୁଖ୍ୟ ମହସିନ ନକଭିଙ୍କୁ ଯୋଗାଯୋଗ କରିଛନ୍ତି। ଏଥିଯୋଗୁ ଭାରତ ବିପକ୍ଷ ମ୍ୟାଚ୍ ସମ୍ପର୍କରେ ସରକାରଙ୍କ ସହ ପୁନଃ ବିଚାର ଲାଗି ଆଲୋଚନା କରିବେ ବୋଲି ନକଭି ଆଶ୍ୱାସନା ଦେଇଛନ୍ତି। ନକ୍‌ଭି ଏବେ ପାକିସ୍ତାନରେ ନାହାନ୍ତି। ସେ ଦେଶକୁ ଫେରିବା ପରେ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେବେ। ତା' ପରେ ସୋମବାର ସୁଦ୍ଧା ନିଷ୍ପତ୍ତି ହୋଇପାରେ ବୋଲି ପିସିବି ସୂତ୍ରରୁ ଜଣାପଡ଼ିଛି।

## ଟ୍ୱେଣ୍ଟି-୨୦ ବିଶ୍ୱକପ୍ : ନେଦରଲାଣ୍ଡସ୍ ବିପକ୍ଷରେ ସଂଘର୍ଷ କରି ଜିତିଲା ପାକିସ୍ତାନ



**କଲମ୍ବୋ**

ଆରମ୍ଭ ହୋଇଛି ପୁରୁଷ ଟ୍ୱେଣ୍ଟି-୨୦ ବିଶ୍ୱକପ୍। ପ୍ରଥମ ମୁକାବିଲାରୁ ହିଁ ବିଶ୍ୱକପର ରୋମାଞ୍ଚ ଦେଖିବାକୁ ମିଳିଛି। ପାକିସ୍ତାନ ତୁଳନାରେ ଏକ ଦୁର୍ବଳ ଦଳ ହୋଇଥିଲେ ବି କଡ଼ା ଟକ୍କର ଦେଇଛି ନେଦରଲାଣ୍ଡସ୍। ଏହି ମ୍ୟାଚକୁ ୩ ୱିକେଟ୍‌ରେ ଜିତିଥିବା ପାକିସ୍ତାନକୁ ସଂଘର୍ଷ କରିବାକୁ ପଡ଼ିଥିଲା। ଏପରିକି ଗୋଟିଏ ସମୟରେ ଲାଗୁଥିଲା ଯେ ପାକିସ୍ତାନ ଏହି ମ୍ୟାଚ୍‌କୁ ହାରିଯିବ।

ଏହି ମ୍ୟାଚରେ ପାକିସ୍ତାନ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନେଦରଲାଣ୍ଡସ୍ ୧୯.୫ ଓଭରରେ ୧୪୭ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସ୍କଟ୍ ଏଡଓ୍ୱାର୍ଡ୍ସ ୩୭ ରନ କରିଥିବାବେଳେ ବାସ୍ ଡି ଲିଡ୍ସ ୩୦, ମାଇକେଲ୍ ଲେଭିଟ୍ ୨୪ ଓ କଲିନ ଆକରମ୍ୟାନ୍ ୨୦ ରନ କରିଥିଲେ। ପାକିସ୍ତାନ ପକ୍ଷରୁ ସଲମାନ ମିର୍ଜା ୩ଟି ୱିକେଟ୍ ନେଇଥିବାବେଳେ ଅବରାର ଅହମ୍ମଦ, ସଇମ ଆୟୁବ ଓ ମହମ୍ମଦ ନୱାଜ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ୧୪୮ ରନ ପାକିସ୍ତାନ ପାଇଁ ଏକ ସହଜ ଲକ୍ଷ୍ୟ ମନେହେଉଥିଲା, ପାକିସ୍ତାନ ମଧ୍ୟ ଆରମ୍ଭରୁ ଦ୍ରୁତ ରନ ସଂଗ୍ରହ କରି ଏକ ସହଜ ବିଜୟ ଆଡ଼କୁ ଅଗ୍ରସର ହେଉଥିଲା। ଦଳ ପକ୍ଷରୁ ଦୁଇ ଓପନର ସାଇବିଜାଦା ଫରହାନ ଓ ସାଇମ୍ ଆୟୁବ ପ୍ରଥମ ୱିକେଟ୍ରେ ୨୭ ରନର ଭାଗୀଦାର କରିଥିଲେ। ସାଇମ୍ ୨୪ ରନ କରି ଆଉଟ୍ ହେବା ପରେ ଫରହାନ ଓ ଅଧିନାୟକ ସଲମାନ ଆଗାଙ୍କ ମଧ୍ୟରେ ୨୬ ରନର ଆଉ ଏକ ଭାଗୀଦାର ହୋଇଥିଲା।

ତେବେ ସଲମାନ ମାତ୍ର ୧୨ ରନ କରି ଆଉଟ୍ ହେବା ପରେ ଫରହାନ ଓ ବାବର ଆଜମଙ୍କ ମଧ୍ୟରେ ୪୫ ରନର ଏକ ବଡ଼ ଭାଗୀଦାର ହୋଇଥିଲା। ଫରହାନ ୪୭ ରନ କରି ଆଉଟ୍ ହେବା ସମୟରେ ଦଳର ସ୍କୋର ୩ ୱିକେଟ୍ ହରାଇ ୯୮ ରନ ଥିଲା। ଏହାପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଚାଲିଥିଲା ଓ ସ୍ଥିତି ଏପରି ହୋଇଥିଲା ଯେ ଦଳ ୧୧୪ ରନରେ ୭ଟି ୱିକେଟ୍ ହରାଇ ଏକ ନିଶ୍ଚିତ ପରାଜୟ ଆଡକୁ ଗତି କରୁଥିଲା। ତେବେ ଶେଷ ଦୁଇ ଓଭରରେ ଫହିମ ଅସ୍ରଫ୍ ମାତ୍ର ୧୧ଟି ବଲରେ ୩ ଛକା ୨ଚୌକା ସହ ୨୯ ରନ କରି ଦଳ ପାଇଁ ବିଜୟ ଆଣିଦେଇଥିଲେ।

# ସ୍କଟଲାଣ୍ଡକୁ ହରାଇଲା ୱେଷ୍ଟଇଣ୍ଡିଜ୍



**କୋଲକାତା**

ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପର ଦ୍ୱିତୀୟ ମ୍ୟାଚ୍‌ରେ ଦୁଇ ଥର ବିଜେତା ୱେଷ୍ଟଇଣ୍ଡିଜ୍ ୩୫ ରନ୍‌ରେ ସ୍କଟଲାଣ୍ଡକୁ ହରାଇ ଦେଇଛି। ତା' ସହିତ ଆତ୍ମବିଶ୍ୱାସର ସହ ନିଜ ଅଭିଯାନ ଆରମ୍ଭ କରିଛି। ବ୍ୟାଟିଂ ବେଳେ ସିମରନ୍ ହେଟମାୟରଙ୍କ ୨୨ ବଲ୍ ଅର୍ଦ୍ଧଶତକ ଏବଂ ବୋଲିଂରେ ରୋମାରିଓ ସେପାର୍ଡଙ୍କ ହ୍ୟାଟ୍ରିକ୍ ୱେଷ୍ଟଇଣ୍ଡିଜ୍ ଦୃଷ୍ଟିକୋଣରୁ ଏହି ମ୍ୟାଚକୁ ଅଧିକ ସ୍ମରଣୀୟ କରିଛି। ହେଟମାୟାର ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ସେପାର୍ଡ ବ୍ୟକ୍ତିଗତ ଭାବେ ଚଳିତ ବିଶ୍ୱକପର ପ୍ରଥମ ଏବଂ ମାସକ ଭିତରେ ଦ୍ୱିତୀୟ ଥର ଲାଗି ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ସେ ମଧ୍ୟ ନିଜ ଜୀବନର ପ୍ରଥମ ପାଞ୍ଚ ୱିକେଟ୍ ସଫଳତା ହାସଲ କରିଛନ୍ତି। ଶନିବାର ୱେଷ୍ଟଇଣ୍ଡିଜ୍ ୧୮୩ ରନର ଲକ୍ଷ୍ୟ ଦେବା ପରେ ଶେଷ ମୁହୂର୍ତ୍ତରେ ବାଂଲାଦେଶର ସ୍ଥାନ ନେଇଥିବା ସ୍କଟଲାଣ୍ଡର ପଶ୍ଚାତଧାବନ ଥିଲା ବେଶ୍ ନାଟକୀୟ।

ଏହି ୟୁରୋପୀୟ ଦଳ ୧୩.୧ ଓଭରରେ ୩ ୱିକେଟ୍ ହରାଇ ୧୧୫ ରନ୍ କରିବା ସହ ଏକପ୍ରକାର ସୁବିଧାଜନକ ସ୍ଥିତିରେ ରହିଥିଲା। ତେବେ ହଠାତ୍ ଦିଗ ହରାଇ ବସିଥିଲା। ଶେଷ ୭ ୱିକେଟ୍ ମାତ୍ର ୩୨ ରନ୍‌ରେ ହରାଇ ଇଣ୍ଡିଜକୁ ସହଜ ବିଜୟ ପ୍ରଦାନ କରିଥିଲା। ସେପାର୍ଡ ସପ୍ତଦଶ ଓଭରର ଲଗାତାର ତିନିଟି ଏବଂ ମୋଟ ଉପରେ ଚାରିଟି ୱିକେଟ୍ ନେଇ ସ୍କଟଲାଣ୍ଡର ଏଭଳି ଅପ୍ରତ୍ୟାଶିତ ବିପର୍ଯ୍ୟୟ ଘଟାଇଥିଲେ। ସେହିଭଳି ଅଲ୍ରାଉଣ୍ଡର୍ ଜାସନ ହୋଲ୍ଡର ମଧ୍ୟ ୩ଟି ବହୁମୂଲ୍ୟ ୱିକେଟ୍ କରାୟତ୍ତ କରି ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ରେ ୧୦୦ ୱିକେଟ୍ ପୂରଣ କରିଥିଲେ। ହେଟମାୟର ତାଙ୍କ ୩୬ ବଲରୁ ୬୪ ରନର ବିସ୍ଫୋରକ ପାଳି ପାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ପୂର୍ବରୁ ସ୍କଟଲାଣ୍ଡ ଟସ୍ ଜିତି ଇଣ୍ଡିଜକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପ୍ରତିପକ୍ଷ ଅଧିନାୟକ ସାଇ ହୋପ୍‌ଙ୍କୁ ବି ୧୯ ରନ୍ରେ ଶିକାର କରି ନେଇଥିଲା। ନିୟମିତ ବ୍ୟବଧାନରେ ୱିକେଟ୍ ନେବା ସତ୍ତ୍ୱେ ଇଣ୍ଡିଜ୍ର ରନ୍ ସଂଗ୍ରହ ହାରକୁ କମାଇ ପାରି ନଥିଲା। ଫଳରେ ଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୮୨ ରନ୍ କରି ନେଇଥିଲା। ଜବାବରେ ସ୍କଟଲାଣ୍ଡ୍ ୭ ବଲ୍ ପୂର୍ବରୁ ମାତ୍ର ୧୪୭ ରନ୍ରେ ଅଲ୍‌ଆଉଟ୍ ହୋଇଯାଇଥିଲା।

## ଜାହାଙ୍ଗୀର କାଳିପଡ଼ିଆରେ ଦିନିକିଆ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ : ବାଲେଶ୍ୱର ଦଳ ବିଜୟୀ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ଅଧୀନ ଜାହାଙ୍ଗୀର ବଜାର ନିକଟ କାଳିପଡ଼ିଆ ଠାରେ ମା' ଶ୍ୟାମାକାଳୀ ୟୁଥ କ୍ଲବ ପକ୍ଷରୁ ଦିନିକିଆ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭଦ୍ରକ ମହିଳା କ୍ରିକେଟ ଆସୋସିଏସନ ଓ ବାଲେଶ୍ୱର ଓମେନ୍ସ କ୍ରିକେଟ ଆସୋସିଏସନ ମଧ୍ୟରେ ମୁକାବିଲା ହୋଇଥିଲା। ଟସ୍ ଜିତି ଭଦ୍ରକ ଦଳ ପ୍ରଥମେ ବ୍ୟାଟିଂ କରି ୧୭.୨ ଓଭରରେ ସମସ୍ତ ଓଇକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା। ଜବାବରେ ବାଲେଶ୍ୱର ଦଳ ୧୭.୨ ଓଭରରେ ୯ ଓଇକେଟ ହରାଇ ୧୧୦ ରନ କରି ବିଜୟ ହାସଲ କରିଥିଲା। ଆମ୍ପେୟାର୍ ଭାବେ ସନ୍ୟାସୀ ନାୟକ, ପିନାକି ସାହୁ ରହିଥିବା ବେଳେ ଧାରାବିବରଣୀ ରାଧେଶ୍ୟାମ ଜେନା, ଶୁଶାନ୍ତ ଦାଶ, ସ୍କୋରର ଚିତ୍ରରଂଜନ ପଣ୍ଡା ଓ ସୂର୍ଯ୍ୟକାନ୍ତ ଘଡ଼େଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ମୁଖ୍ୟ ଅତିଥି ଭାବେ ଏନଏଚଆଇର କୁସାଧକ୍ଷା ଶୁଶାନ୍ତ କୁମାର ଦାସ ଓ ଶିକ୍ଷକ ନିରଞ୍ଜନ ପଣ୍ଡା ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କମିଟିର ସଭାପତି ରାକେଶ ବାରିକ୍ ଓ ସମ୍ପାଦକ ମୁକ୍ତିକାନ୍ତ ପାଢ଼ୀଙ୍କ ସହ ବିଶ୍ୱଜିତ୍ ପାଢ଼ୀ, ଆଶିଷ ଦାସ, ଆଶିଷ ମହାପାତ୍ର, ଓ ମନୋଜ୍ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ୫୧ ତମ ରାଜ୍ୟ ଅବକାରୀ କ୍ରୀଡା ସମାରୋହ ଉଦ୍‌ଘାଟିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାର ବେଆଇନ ନିଶା ଓ ମାଦକ ଦ୍ରବ୍ୟ କାରବାରକୁ ରୋକିବା ଦିଗରେ ଦୃଢ ସଂକଳ୍ପ ବଦ୍ଧ ଅଛନ୍ତି ଓ ଏଥିନେଇ ଅବକାରୀ ବିଭାଗ ପକ୍ଷରୁ 'ନିଶା ନୁହେଁ ଜୀବନ' ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଓ ଅବକାରୀ ବିଭାଗର ଦକ୍ଷ ଅଧିକାରୀଙ୍କ ଦ୍ୱାରା ନିୟମିତ ଚଢ଼ାଉ ଫଳରେ ବହୁ ବେଆଇନ ନିଶା ଓ ମାଦକ ଦ୍ରବ୍ୟ କାରବାର ଅଞ୍ଚଳକୁ ଧ୍ୱଂସ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତି ବିଶେଷ ଗିରଫ ହୋଇଛନ୍ତି ଓ ଆଗାମୀ ଦିନରେ ଏହି ଧରଣର ଚଢ଼ଉ ପ୍ରକ୍ରିୟାକୁ ଜୋରଦାର କରାଯିବା ସହ ବିଭାଗରେ ଅନେକ ସଂସ୍କାର ଆସିବାକୁ ଯାଉଛି ଓ ଏଥିଲାଗି ସବୁ ଅଧିକାରୀ ଓ କର୍ମଚାରୀଙ୍କୁ ଯୁଗପଯୋଗୀ ହେବାକୁ ପଡିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ଓ ଆଜି କଟକ ସ୍ଥିତ ସତ୍ୟବ୍ରତ ଷ୍ଟାଡିୟମ ଠାରେ ଅବକାରୀ ବିଭାଗର ୫୧ ତମ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦଘାଟନ କରି କହିଲେ ଯେ କାର୍ଯ୍ୟକ୍ଷେତ୍ରରେ ସଫଳ ହେବାକୁ ହେଲେ ନିଷ୍ଠାବାନ ହେବା ସହ ଉଭୟ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବାକୁ ପଡିବ ଓ ଆଜି ଉଦଘାଟିତ ଏହି କ୍ରୀଡ଼ା ଉତ୍ସବ ବିଭାଗର ଅଧିକାରୀ ଓ କର୍ମଚାରଙ୍କ ମଧ୍ୟରେ ଖେଳୁଆଡ଼ ଭାବନା ସୃଷ୍ଟି କରିବା ସହ ଭବିଷ୍ୟତରେ ସେମାନଙ୍କୁ ଅଧିକ ଦକ୍ଷ କରି ଗଢ଼ିତୋଳିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଓ ସମ୍ମାନିତ ଅତିଥି ଭାବେ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ଅବକାରୀ ଆୟୁକ୍ତ ପି. ଅନ୍ୱେଷା ରେଡ୍ଡି, ପୂର୍ବତନ ଅଲିମ୍ପିକ କ୍ରୀଡ଼ାବିତ ଡ଼. ଅନୁରାଧା ବିଶ୍ୱାଳ ଏବଂ କଳାକାର ତଥା ସମାଜସେବୀ ଶ୍ରୀମତୀ ପିଙ୍କି ପ୍ରଧାନ ଉପସ୍ଥିତ ରହି ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ। ଉତ୍ସବରେ ଅବକାରୀ ବିଭାଗ, ଅବକାରୀ ନିର୍ଦ୍ଦେଶାଳୟ ଓ ଓଏସ୍‌ବିସିର ଅଧିକାରୀ ଓ କର୍ମଚାରୀବୃନ୍ଦ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଏକ ଆକର୍ଷଣୀୟ ଅଂଶ ଭାବେ ଧନେଶ୍ୱର ବରାଦ, ଡିଏସ୍‌ଇଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଏକ ସୁସଂଗଠିତ ପରେଡ୍ ଆୟୋଜିତ ହୋଇଥିଲା। ଏହାପରେ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅବକାରୀ ବିଭାଗର ସଫଳତା ସମ୍ବଳିତ ଏକ ପୁସ୍ତିକା ଏବଂ ନିଶାଦ୍ରବ୍ୟ ଦ୍ରବ୍ୟ ବିରୁଦ୍ଧରେ ଜନସଚେତନତା ବୃଦ୍ଧି ନିମନ୍ତେ ପ୍ରସ୍ତୁତ ଓରଉ ଭିଡିଓ କୁ ଉନ୍ମୋଚନ କରିଥିଲେ। ସେହିପରି ଅବକାରୀ ବିଭାଗର କ୍ଷେତ୍ର ସ୍ତରର କାର୍ଯ୍ୟଦକ୍ଷତା ଓ ପ୍ରଯୁକ୍ତିମୂଳକ ସୁଦୃଢ଼ତାକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଅବକାରୀ ଜିଲ୍ଲାର ଅଧିକାରୀମାନଙ୍କୁ ୪୮ ଗୋଟି ବଡି କ୍ୟାମେରା ବଣ୍ଟନ କରିଥିଲେ। ଆଗାମୀ ଦିନରେ ସମସ୍ତ ଜିଲ୍ଲାର ଅଧିକାରୀମାନଙ୍କୁ ଉକ୍ତ କ୍ୟାମେରା ପ୍ରଦାନ କରାଯିବାର ଯୋଜନା ରହିଛି ଓ ଏହା ସହିତ ଧରପକଡ କାର୍ଯ୍ୟକଳାପରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ବାଲେଶ୍ୱର, ମୟୁରଭଞ୍ଜ, ଭୁବନେଶ୍ୱର, ଭଦ୍ରକ, ଗଞ୍ଜାମ, ପୁରୀ ଜିଲ୍ଲାମାନଙ୍କୁ ଏବଂ ଇଆଇ ଆଣ୍ଡ ଇବି ୟୁନିଟ୍‌ସମ୍ବଲପୁରକୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡା ଉତ୍ସବରେ ଓଡିଶାର ସମସ୍ତ ୩୩ଟି ଅବକାରୀ ଜିଲ୍ଲା ଓ ୪ଟି ଇଆଇ ଆଣ୍ଡ ଇବି ୟୁନିଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାରେ ସର୍ବମୋଟ ୧୬ଟି ବିଭାଗରେ ୮୦୯ ଜଣ ପୁରୁଷ ପ୍ରତିଯୋଗୀ ଏବଂ ୧୧ଟି ବିଭାଗରେ ୧୮୧ ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରେ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ ମି ଦୌଡ଼, ୨୦୦ ମି ଦୌଡ଼, ୪୦୦ମି ଦୌଡ଼, ୮୦୦ ମି ଦୌଡ଼, ୧୫୦୦ ମି ଦୌଡ଼, ୩୦୦୦ ମି ଦୌଡ଼, ଲମ୍ବା ଡିଆଁ, ଉଚ୍ଚ ଡ଼ିଆଁ, ଟ୍ରିପଲ ଜମ୍ପ, ଶଟ ଫୁଟ ଥ୍ରୋ, ଡିସ୍କସ ଥ୍ରୋ, ଜାଭେଲିନ ଥ୍ରୋ, ଭୋଲି ବଲ୍, ବ୍ୟାଡମିଣ୍ଟନ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍ଘାଟନୀ ଦିବସରେ ଅବକାରୀ ବିଭାଗର କର୍ମଚାରୀମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପ୍ରଦର୍ଶିତ ହୋଇଥିଲା। କ୍ରୀଡା ଉତ୍ସବଟି ଆସନ୍ତାକାଲି ତା ୦୮. ୦୨. ୨୦୨୬ ରିଖ ଅପରାହ୍ନ ତିନି ଘଟିକା ସମୟରେ ଉଦଯାପନ ହେବାର କାର୍ଯ୍ୟକ୍ରମ ରହିଅଛି।

## ଜାତୀୟ ଅସ୍ମିତା ରଗବୀରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ

**ବାରିପଦା**
**ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସ୍ତରୀୟ 'ଅସ୍ମିତା ରଗବୀ ଲିଗ' ରେ ଓଡିଶାର ୧୫ ବର୍ଷରୁ କମ, ୧୮ ବର୍ଷରୁ କମ ଓ ସିନିୟର ମହିଳା ବର୍ଗ ଦଳ ଚମ୍ପିୟାନ ହୋଇ ଇତିହାସ ରଚିଛନ୍ତି ଓ ଓଡିଶା ସିନିୟର ଦଳରେ ମୟୁରଭଞ୍ଜ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ର ସୁନୀତା ହାଁସଦା ଓ ପାର୍ବତୀ ହାଁସଦା, ୧୮ ବର୍ଷରୁ କମ ଦଳରେ ହିସି ଟୁଡୁ ଏବଂ ୧୫ ବର୍ଷରୁ କମ ଦଳରେ ସୁଲେନା ହେମ୍ବ୍ରମ ଚମତ୍କାର ଖେଳ ପ୍ରଦର୍ଶନ କରି ନିଜ ନିଜର ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଓ ଏହି ପ୍ରଦର୍ଶନ ପାଇଁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, ସହ ପ୍ରତିଷ୍ଠାତା ରୂପାଲୀ ସୋରେନ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସଙ୍କ ସମେତ, କୋଚ୍ ଚନ୍ଦନ ସିଂ, ଅଶୋକ ହାଁସଦା ଖେଳାଳି ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଶା ଗସ୍ତରେ ଥିବା ତାମିଲନାଡୁ ଗଣମାଧ୍ୟମ ପ୍ରତିନିଧି ଦଳ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଚେନ୍ନାଇର ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଏକ ୧୫ ଜଣିଆ ତାମିଲ ଗଣମାଧ୍ୟମ ପ୍ରତିନିଧି ଦଳ ୩ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଅଛନ୍ତି। ଗସ୍ତ ଅବସରରେ ଆଜି ଏହି ପ୍ରତିନିଧି ଦଳ ଭୁବନେଶ୍ୱର ଲୋକଭବନ ଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ଭେଟିଛନ୍ତି।

ଆଲୋଚନା ସମୟରେ, ମହାମହିମ ଓଡ଼ିଶାର ଦୃଢ଼ଆର୍ଥିକ ସ୍ଥିରତାଉ ପରେ ଆଲୋକପାତ କରିଥିଲେ। ରାଜ୍ୟକୁ ପ୍ରଚୁର ଖଣିଜସମ୍ପଦ, ବିଶେଷକରି ଲୁହାପଥର ଏବଂ ବକ୍ସାଇଟ୍‌ରେ ପରିପୂର୍ଣ୍ଣ କ୍ଷେତ୍ର ଭାବେ ସେ ବର୍ଣ୍ଣନା କରିଥିଲେ। ରାଜ୍ୟପାଳ କହିଥିଲେ ଖଣିଜ ସମୃଦ୍ଧି ରାଜ୍ୟର ଦ୍ରୁତଶିଳ୍ପ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ରାଜ୍ୟପାଳ ଓଡ଼ିଶାର ବକ୍ସାଇଟ ସମ୍ପଦକୁ ଉପଯୋଗ କରିବା ଏବଂ ଶିଳ୍ପଅଭିବୃଦ୍ଧିକୁ ଗତିଶୀଳ କରିବାରେ ନେସନାଲ୍ ଆଲୁମିନିୟମ କମ୍ପାନୀଲିମିଟେଡ୍ (ନାଲକୋ) ଦ୍ୱାରା ନିର୍ବାହ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ।

ରାଜ୍ୟପାଳ କହିଥିଲେ, ଖଣିଜନୀତିରେ ପରିବର୍ତ୍ତନ କରାଯାଇ ରୟାଲ୍ଟି ବଦଳରେ ଖଣିଗୁଡ଼ିକର ନିଲାମ ଆରମ୍ଭ କରାଯାଇଛି। ଏହାଫଳରେ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ଭାବରେ ଉଭା ହୋଇଛି। ଏହିନୀତି ପରିବର୍ତ୍ତନ ରାଜ୍ୟ ରାଜକୋଷକୁ ମିଳୁଥିବା ରାଜସ୍ୱ ପ୍ରାୟ ୧୨ ହଜାର କୋଟିରୁ ୫୦ ହଜାର କୋଟିକୁ ବୃଦ୍ଧିପାଇଛି।

ଭିତ୍ତିଭୂମି ବିକାଶ ଉପରେ ଆଲୋକପାତକରି ରାଜ୍ୟପାଳ କହିଥିଲେ, ଭାରତୀୟ ରେଳବାଇ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାକୁ ରେଳଲାଇନ ମାଧ୍ୟମରେ ସଂଯୋଗ କରିବାକୁ ଲକ୍ଷ୍ୟ ରଖିଛି। ସେହିପରି ଆଞ୍ଚଳିକ ସଂଯୋଗୀକରଣ ଏବଂ ଆର୍ଥିକ ସମନ୍ୱୟରେ ଉନ୍ନତି ଲାଗି ମହତ୍ୱା କାଂକ୍ଷୀ ଯୋଜନା ବିଷୟରେ ସେ କହିଥିଲେ।ସ୍ୱର୍ଣ୍ଣ ଚତୁର୍ଭୁଜ ସମେତ ରାଜ୍ୟ ଦେଇଯାଇଥିବା ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପ ଓଡ଼ିଶାର ସଡ଼କ ନେଟୱାର୍କ ଏବଂ ଲଜିଷ୍ଟିକ୍ସ ଇକୋସିଷ୍ଟମକୁ ସୁଦୃଢ଼ କରିଛି ବୋଲି ମଧ୍ୟ ରାଜ୍ୟପାଳ ଉଲ୍ଲେଖ କରିଥିଲେ।

ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ ଭୁବନେଶ୍ୱରରେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ବିଷୟ ରେଉ ଲ୍ଲେଖକରିଥିଲେ। ସେ କହିଥିଲେ, ଏହି କେନ୍ଦ୍ରଶିଳ୍ପ ଆବଶ୍ୟକତା ସହିତ ବିଶ୍ୱସ୍ତରୀୟ ବୃତ୍ତିଗତ ତାଲିମ ପ୍ରଦାନ କରି ଓଡ଼ିଶାର ଯୁବପିଢ଼ିଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପ ପୂର୍ଣ୍ଣଭୂମିକା ଗ୍ରହଣ କରୁଛି।

ରାଜ୍ୟପାଳ ଓଡ଼ିଶାର ଜୀବନ୍ତ ସାଂସ୍କୃତିକ ଐତିହ୍ୟ ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ସେ କହିଥିଲେ, ପଟ୍ଟଚିତ୍ରକଳା ଏବଂ ଟେରାକୋଟା କାର୍ଯ୍ୟଭଳି ପାରମ୍ପରିକ କଳାରୂପ ଗୁଡ଼ିକ ରାଜ୍ୟର ସମୃଦ୍ଧ କଳାତ୍ମକ ଐତିହ୍ୟ କୁପ୍ରତିଫଳିତ କରିଥାଏ। ଏହାବ୍ୟତୀତ, ସେପ୍ରତିନିଧି ଦଳକୁ ଓଡ଼ିଶାର ସାମୁଦ୍ରିକ ଭିତ୍ତିଭ ଭୂମି ବିଷୟରେ ସୂଚନା ଦେଇ କହିଥିଲେ, ରାଜ୍ୟରେ ବର୍ତ୍ତମାନ ତିନୋଟିବନ୍ଦର କାର୍ଯ୍ୟକ୍ଷମ ଅଛି, ଯାହା ଏହାର ବାଣିଜ୍ୟ ଏବଂ ମାଲ ପରିବହନକ୍ଷମତାକୁ ସୁଦୃଢ଼ କରୁଛି।

ଏହି ଗସ୍ତ ଅବସରରେ ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ, ବରିଷ୍ଠ ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ରଙ୍କ ସମେତଅନ୍ୟମାନେ ଉପସ୍ଥିତ ଥିଲେ।

ଗଣମାଧ୍ୟମ ପ୍ରତିନିଧି ଦଳର ପରିଦର୍ଶନର ଉଦ୍ଦେଶ୍ୟ ହେଉଛି କେନ୍ଦ୍ର ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ, ଭିତ୍ତିଭୂମି ବିକାଶ, ଶିଳ୍ପଅଭିବୃଦ୍ଧି, ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକଐତିହ୍ୟ ବିଷୟରେ ତାମିଲ ଗଣମାଧ୍ୟମକୁ ପରିଚିତ କରାଇବା।

ଏହି ଗସ୍ତ ଦ୍ୱାରା ଓଡ଼ିଶାର ବିକାଶଯାତ୍ରା, ଶିଳ୍ପସମ୍ଭାବନା, ପ୍ରଯୁକ୍ତିବିଦ୍ୟାନବସୃଜନ ଏବଂ ସାଂସ୍କୃତିକ ଐତିହ୍ୟ ବିଷୟରେ ତାମିଲ ଗଣମାଧ୍ୟମ ପ୍ରତିନିଧି ଅବଗତ ହୋଇପାରିବେ। ଏହା ସଚେତନତାକୁ ସୁଦୃଢ଼ କରିବା ସହିତ ଆନ୍ତଃରାଜ୍ୟ ବୁଝାମଣା ଏବଂ ଗଣମାଧ୍ୟମ ସମ୍ପର୍କ ବୃଦ୍ଧି କରିବ। କେନ୍ଦ୍ରସର କାରଙ୍କ ପ୍ରମୁଖ ପଦକ୍ଷେପ ଏବଂ ଆଞ୍ଚଳିକ ବିକାଶ ସମ୍ପର୍କରେ ସାମ୍ବାଦିକ ମାନଙ୍କୁ କ୍ଷେତ୍ରୀୟ ଅଭିଜ୍ଞତା ପ୍ରଦାନ କରିବା ଲାଗି ଏହି ଗସ୍ତ ସହାୟକ ହେବ।

## ପିଏମଶ୍ରୀ ଗୋପାଳ କୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**



ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ସୁବଳୟା ପଞ୍ଚାୟତର ପି ଏମ୍ ଶ୍ରୀ ଗୋପାଳ କୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ୪୨ ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇ ଯାଇଅଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଯୋଗ ଦେଇ ଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ଅତିଥି ମାନଙ୍କୁ ପାଛୋଟି ନେଇ ଫ୍ଲାଗ ମାର୍ଚ୍ଚରେ ଅଂଶ ଗ୍ରହଣ କରିଥଲେ। ବିଦ୍ୟାଳୟର ଖେଳ ଶିକ୍ଷକ ମିଥୁନ ଦେହୁରୀ ଓ ନାରାୟଣ ସାହୁ ଛାତ୍ର ଛାତ୍ରୀଙ୍କ ମିଳିତ ପ୍ୟାରେଡର ମଞ୍ଚାସିନ ବ୍ୟକ୍ତି ମାନେ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିବାଦନ ଗ୍ରହଣ କରିଥିଲେ। ଅବସର ପ୍ରାପ୍ତ ଖେଳ ଶିକ୍ଷକ ଶ୍ରୀ ଭଞ୍ଜ କିଶୋର ବିଶ୍ୱାଳଙ୍କ ପରାମର୍ଶ କ୍ରମେ ଛାତ୍ର ଛାତ୍ରୀ କ୍ରୀଡ଼ା ପତାକା ଉତ୍ତୋଳନ ପରେ ପରେ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶ୍ରୀ ବିଭୂତି ଚରଣ ବେହେରା ଅତିଥି ମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯଥା ସନ୍ଧ୍ୟା ରାଣୀ ପଟ୍ଟନାୟକ, ସନ୍ଧ୍ୟା ରାଣୀ ଦାସ, ମନିଷା ବିଶ୍ୱାସ, ମୋନାଲିସା ରଥ, ଅରୁଣ କୁମାର ବେହେରା, ଦିଲ୍ଲୀପ କୁମାର ବେହେରା, ରୋଜାଲିନ ନାହାକ, ସଞ୍ଜୟ କୁମାର ସାହୁ, ପ୍ରମୋଦ କୁମାର ରଥ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ମାନ ପତ୍ର ଓ ପୁରସ୍କାର ସହ ସମ୍ବର୍ଦ୍ଧିତ କରା ଯାଇଥିଲା। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇ ଥିଲା।





# ଶ୍ରମିକଙ୍କ ପରିଶ୍ରମ ଓ ଦକ୍ଷତା ବଦଳରେ ଭାରତର ଅର୍ଥନୀତି ମଜଭୁତ୍ ହୋଇଛି: ଧର୍ମେନ୍ଦ୍ର

ପୁରୀ/ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ ଶ୍ରମିକ କଲ୍ୟାଣ କେବଳ ଏକ ସାଂଗଠନିକ କାର୍ଯ୍ୟ ନୁହେଁ ବରଂ ଏହା ଏକ ଦାୟିତ୍ୱବାନ ବୈଚାରିକ ଆନ୍ଦୋଳନ ଯାହା ରାଷ୍ଟ୍ର ନିର୍ମାଣର ମୂଳଦୁଆ ସଦୃଶ। ଶନିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାବନ ଧାମ ପୁରୀ ଠାରେ ଆୟୋଜିତ ଭାରତୀୟ ମଜଦୁର ସଂଘର ୨୧ତମ ଅଖିଳ ଭାରତୀୟ ତ୍ରୈବାର୍ଷିକ ଅଧିବେଶନରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରମିକମାନଙ୍କୁ ଦେଶ ଗଠନର ମୁଖ୍ୟ ଆଧାରଶିଳା ଭାବେ ଅଭିହିତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତୀୟ ସମ୍ବିଧାନର ଆଦର୍ଶରେ 'ଶ୍ରମର ସମ୍ମାନ' ପାଇଁ ଭାରତୀୟ ମଜଦୁର ସଂଘ ସର୍ବଦା ସମର୍ପିତ। ସଂଗଠନ ନିଜର ପ୍ରତିଷ୍ଠା କାଳରୁ ରାଷ୍ଟ୍ରହିତ, ଶ୍ରମିକ କଲ୍ୟାଣ ଏବଂ



'ଆତ୍ମନିର୍ଭର ଭାରତ'ର ସଂକଳ୍ପ ସହିତ କାର୍ଯ୍ୟ କରି ଶ୍ରମିକମାନଙ୍କ ଅଧିକାର, ମର୍ଯ୍ୟାଦା ଓ ସାମାଜିକ ନ୍ୟାୟକୁ ସୁଦୃଢ଼ କରିବାରେ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଛି। ଶ୍ରମଶକ୍ତିକୁ ସସମ୍ମାନ ଜୀବନ ଦେଲେ ଅର୍ଥନୀତି ଦୁଇଗୁଣିତ ହେବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଅନେକ ବର୍ଷ ପରେ ଶ୍ରମିକଙ୍କ ପାଇଁ 'ସର୍ବନିମ୍ନ ମଜୁରୀ' ବୃଦ୍ଧି କରିଛନ୍ତି। ମଧ୍ୟାହ୍ନ ଭୋଜନରେ କାର୍ଯ୍ୟରତ ଥିବା ୨୫ ଲକ୍ଷ ସହାୟିକା, ଅଙ୍ଗନବାଡି ତଥା ଆଶା ଦିଦିଙ୍କ କଲ୍ୟାଣ ଦିଗରେ ସରକାର ନିରନ୍ତର କାମ କରୁଛନ୍ତି।

ମଜଦୁର ସଂଘର କାମ କରିବା ମୋ ପାଇଁ ସୌଭାଗ୍ୟର ବିଷୟ ନିଜର ବ୍ୟକ୍ତିଗତ ଅଭିଜ୍ଞତା ବାବଦରେ ସୂଚନା ଦେଇ ସେ କହିଛନ୍ତି, ମୋର ସାମାଜିକ ଜୀବନର ପ୍ରାରମ୍ଭରେ ମଜଦୁର ସଂଘର ଜଣେ କାର୍ଯ୍ୟକର୍ତ୍ତା ଭାବେ କାମ କରିବା ମୋ ପାଇଁ ସୌଭାଗ୍ୟର ବିଷୟ। ଭାରତୀୟ ମଜଦୁର ସଂଘ ଆଜି ଏକ ଦାୟିତ୍ୱବାନ ସାମାଜିକ ଆନ୍ଦୋଳନର ରୂପ ନେଇଛି। ଏହି ସଂଗଠନ ଶ୍ରମକୁ କେବଳ ଜୀବିକାର ମାଧ୍ୟମ ନୁହେଁ, ବରଂ ରାଷ୍ଟ୍ର ନିର୍ମାଣର ଆଧାରଶିଳା ଭାବେ ଗ୍ରହଣ କରି ସନ୍ତୁଳିତ ଓ ସମନ୍ୱିତ ବିକାଶର ମାର୍ଗ ପ୍ରଶସ୍ତ କରୁଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭାରତରେ 'ୱାର୍କିଂ ଏଜ୍ ଗ୍ରୁପ୍' ମଧ୍ୟରେ ପ୍ରାୟ ୯୦ କୋଟି ଲୋକ ଅଛନ୍ତି, ଯେଉଁଥିରୁ ପ୍ରାୟ ୫୦ ପ୍ରତିଶତ ବାସ୍ତବରେ କାର୍ଯ୍ୟରତ । ଏହି ୫୦ କୋଟି ଶ୍ରମଜୀବୀଙ୍କୁ ବୈଚାରିକ ସ୍ୱଷ୍ଟତା ପ୍ରଦାନ କରିବାରେ ବିଏମଏସ ଏକ 'କଷଟି ପଥର' ସଦୃଶ କାର୍ଯ୍ୟ କରିଛି। ବର୍ତ୍ତମାନର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଯୁଗରେ ଆମ ଶ୍ରମଶକ୍ତିର ଅଂଶଗ୍ରହଣକୁ ୫୦ ପ୍ରତିଶତରୁ ୭୫ ପ୍ରତିଶତକୁ ବୃଦ୍ଧି କଲେ ହିଁ ଦେଶ ବିକଶିତ ହେବାର ଲକ୍ଷ୍ୟ ପୂରଣ କରିପାରିବ।

ଆଗାମୀ ଦିନର ଆହ୍ୱାନକୁ ଦୃଷ୍ଟିରେ ରଖି ଶ୍ରୀ ପ୍ରଧାନ ଦେଶ ୱାର୍କଫୋର୍ସକୁ ନିରନ୍ତର ସ୍କିଲିଂ, ରି-ସ୍କିଲିଂ ଏବଂ ଅପ-ସ୍କିଲିଂ' କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ନୂତନ ଜାତୀୟ ଶିକ୍ଷା ନୀତିରେ 'ରୋଜଗାର ସହିତ ପଢିବା' ବ୍ୟବସ୍ଥା କରାଯାଇଛି। ଏକବିଂଶ ଶତାବ୍ଦୀର ୱାର୍କଫୋର୍ସକୁ 'ଗ୍ଲୋବାଲ ଷ୍ଟାଣ୍ଡାର୍ଡ' କରିବା, ଯାହା ବିଶ୍ୱର କଲ୍ୟାଣ ସବୁବେଳେ ଆଗଭର ରହିବ ବୋଲି ସେ ମତପ୍ରକାଶ କରିଛନ୍ତି।

# ସ୍ୱଚ୍ଛତାର ନୂଆ ପଦକ୍ଷେପ ହାତରେ ହାତ ମିଳାଇ, ଆସ କରିବା ସଫେଇ

ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଆଜି ସ୍ୱେଚ୍ଛାସେବୀ ସଂଗଠନର ଆଇଇସି ଆସିଷ୍ଟାଣ୍ଟ, ଆଇଇସି କୋଅର୍ଡିନେଟର, କୋର୍ ମେମ୍ବରଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ କମିଶନର ଶ୍ରୀ କୈଳାସ ଚନ୍ଦ୍ର ଦାସ, ପରିମଳ ଡେପୁଟି କମିଶନର ଶ୍ରୀ ଏନ୍. ଗଣେଶ ବାବୁ, ସହକାରୀ କମିଶନର ଲୋକନାଥ ବେଜ୍ ମଞ୍ଚାସୀନ ଥିଲେ । ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫-୨୬ ପାଇଁ ଆଇଇସି କାର୍ଯ୍ୟକ୍ରମକୁ ଯୋରଦାର କରିବାକୁ ସ୍ୱେଚ୍ଛାସେବୀ ସଂଗଠନ ବିକାଶ, ବେସିକ୍ସ, ଫିଡବ୍ୟାକର କର୍ମକର୍ତ୍ତା ତଥା ତୃଣମୂଳସ୍ତରରେ କାର୍ଯ୍ୟକରୁଥିବା ସମସ୍ତ ଆଇଇସି ଆସିଷ୍ଟାଣ୍ଟ, ଭେଇକ୍ଲି କୋଅର୍ଡିନେଟର, ସ୍ୱେଚ୍ଛାସେବୀ ସଂଗଠନର ମୁଖ୍ୟଙ୍କୁ ନେଇ ଦକ୍ଷତା ବିକାଶ ତାଲିମ ଅନୁଷ୍ଠିତ ହୋଇଯାଇଛି । ସେମାନେ ଘରକୁ ଘର ଯାଇ ଲୋକମାନଙ୍କୁ ବର୍ଜ୍ୟ ଅଲଗା ଅଲଗା କରି ଦେବାସହ ଘରେ ନିୟମ ଅନୁଯାୟୀ ୪ ପ୍ରକାର ଡଷ୍ଟବିନ ରଖିବା ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଇବେ । ଗ୍ରୀନ ଡଷ୍ଟବିନରେ ଓଦା ବର୍ଜ୍ୟ ରଖିବା ସହ ବ୍ଲୁ ଡଷ୍ଟବିନରେ ସୁଖିଲା, ଲାଲରେ ସାନିଟାରୀ ନାପକିନ୍ ଓ ବ୍ଲାକ ଡଷ୍ଟବିନରେ ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ରଖିବା ପାଇଁ କୁହାଯାଇଛି । ବିଶେଷ କରି ଗୃହିଣୀମାନଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି ବୋଲି ଅତିରିକ୍ତ କମିଶନର ଶ୍ରୀ ଦାସ ବୁଝାଇଥିଲେ ।

ସମସ୍ତ କର୍ମଚାରୀ ଓ ସଂଗଠନ ନିଜ ନିଜର ସୋସିଆଲ ମିଡିଆକୁ ସକ୍ରିୟ କରିବା ପାଇଁ ପରାମର୍ଶ ଦେଇଛନ୍ତି କମିଶନର ଶ୍ରୀ ଚଞ୍ଚଳ ରାଣା । ଏହାଦ୍ୱାରା ସାଧାରଣ ଲୋକଙ୍କଠାରୁ ଅଧିକରୁ ଅଧିକ ଅଭିଯୋଗ ଆସିବ ଏବଂ ଲୋକମାନେ କରୁଥିବା ଅଭିଯୋଗକୁ ତୁରନ୍ତ ସମାଧାନ କରିବା ସହଜ ହେବ । ତେଣୁ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ସେମାନଙ୍କର ଅଫିସିଆଲ ଫେସବୁକ୍, ଇନଷ୍ଟାଗ୍ରାମ, ଏକ୍ସ, ୟୁଟ୍ୟୁବ୍ ଆଦି ସୋସିଆଲ ମିଡିଆକୁ ସକ୍ରିୟ ରଖିବା ସହ ସମସ୍ତ କର୍ମଚାରୀ ମଧ୍ୟ ନିଜ ନିଜର ବ୍ୟକ୍ତିଗତ ସୋସିଆଲ ମିଡିଆକୁ ଆକ୍ଟିଭ ରଖିବା ପାଇଁ କୁହାଯାଇଛି । ସ୍ୱେଚ୍ଛାସେବୀ ସଂଗଠନର ଜଣେ ସ୍ୱତନ୍ତ୍ର କର୍ମଚାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲ ତଦାରଖ କରିବେ । ଯେଉଁଠାରୁ ଯାହା ଅଭିଯୋଗ ଆସିବ, ତୁରନ୍ତ ତାର ସମାଧାନ କରିବେ । ଏହାକୁ ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ ଓ କର୍ମଚାରୀ ସ୍ୱାଗତ ଜଣାଇଛନ୍ତି ।

ଭୁବନେଶ୍ୱର ମହାନଗର ନିଗମ ୮୪ରୁ ଏବେ ୯ମ ସ୍ଥାନକୁ ଉନ୍ନିତ ହୋଇଛି । ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, ସମସ୍ତ ଏଜେନ୍ସି, ସ୍ୱେଚ୍ଛାସେବୀ ସଂଗଠନ, ଟିମ୍ ବିଏମ୍ ସି ସର୍ବୋପରି ଭୁବନେଶ୍ୱର ଜନସାଧାରଣଙ୍କ ସହଯୋଗ ପାଇଁ ଏହି ସଫଳତା ମିଳିପାରିଛି । ତେଣୁ ଚଳିତ ବର୍ଷ ଭୁବନେଶ୍ୱର ସମସ୍ତ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସମାଜସେବୀ, ମାର୍କେଟ ଆସୋସିଏସନ, ଆବାସିକ ସଂଗଠନ, ଏସଏଚଜି, ବଜାର ଆସୋସିଏସନ, ଭେଣ୍ଡିଂଜୋନ୍ ଆସୋସିଏସନ, ବସ୍ତିବାସିନ୍ଦା ସଂଗଠନ ସର୍ବୋପରି ବ୍ୟକ୍ତି ବିଶେଷ ସହଯୋଗ କରିବା ସହ ଭୁବନେଶ୍ୱରକୁ ଦେଶର ଏକ ନମ୍ବର ସହର ଭାବେ ଗଢିତୋଳିବାକୁ ଆହ୍ୱାନ ଦେଇଛନ୍ତି ମେୟର ଶ୍ରୀମତୀ ସୁଲୋଚନା ଦାସ । ନିଜ ନିଜ ୱାର୍ଡରେ ଯେପରି ଲୋକମାନେ ଶତପ୍ରତିଶତ ବର୍ଜ୍ୟ ଅଲଗା ଅଲଗା କରି ଦିଅନ୍ତି ସେଥିପ୍ରତି ସମସ୍ତେ ଦୃଷ୍ଟିଦେବା ଦରକାର । ଯେଉଁମାନେ ଦେଉନାହାଁନ୍ତି, ସେମାନଙ୍କୁ ସଚେତନ କରିବା ଦରକାର ।

ଏହି ଅବସରରେମେୟରଙ୍କ ସହ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ, ଆଇଇସି ଆସିଷ୍ଟାଣ୍ଟ, କୋର୍ ମେମ୍ବର, ଭେଇକ୍ଲି କୋଅର୍ଡିନେଟର ପ୍ରମୁଖ ୨୦୨୫-୨୬ ସ୍ୱଚ୍ଛ ସର୍ବେକ୍ଷଣର ଥିମ୍ "ସ୍ୱଚ୍ଛତାର ନୂଆ ପଦକ୍ଷେପ-ହାତରେ ହାତ ମିଳାଇ; ଆସ କରିବା ସଫେଇ" ଶପଥ ନେଇଥିଲେ। ଶେଷରେ "ଆମ ଭୁବନେଶ୍ୱର; ହେବ ଏକ ନମ୍ବର" ନାରା ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୮୦ରୁ ଉର୍ଦ୍ଧ୍ୱ ...

କରିଥିଲେ। ଏହି ଇକୋନୋମିକ୍ ପ୍ଲାନ୍ ପ୍ରସ୍ତୁତ କରିଥିବାରୁ ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା ଓ ସିଇଓ ସୁବ୍ରମଣ୍ୟମଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ।

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଆଜିର ଏହି ଯୋଜନା ଓଡିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅତ୍ୟନ୍ତ ସହାୟକ ହେବ। ଆଗାମୀ ଦିନରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ଥିବା ବଡ ବଡ ସହର ମାନଙ୍କ ପାଇଁ ଏଭଳି ଯୋଜନା ପ୍ରସ୍ତୁତ କରାଯିବ। ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରଠାରୁ ରାଜ୍ୟରେ ସହରୀକରଣର ଅଭିବୃଦ୍ଧିକୁ ପ୍ରାଧାନ୍ୟ ଦେଉଛନ୍ତି। ସହରୀକରଣ ବୃଦ୍ଧି କ୍ଷେତ୍ରରେ ୨୮ଟି ନୂଆ ଏନ୍ଏସି, ୭ଟି ମୁନିସିପାଲିଟି ଏବଂ ଗୋଟିଏ ମହାନଗର ନିଗମ ସୃଷ୍ଟି ସହରୀକରଣ କ୍ଷେତ୍ରରେ ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା କହିଥିଲେ ଯେ, ବିକଶିତ ଓଡିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ ହେଉଛି ଏହି ବିସିପିପିଇଆର ପ୍ରୋଜେକ୍ଟ। ଦେଶର ୨୦ଟି ପ୍ରମୁଖ ସହରର ଉନ୍ନତି ପାଇଁ ପ୍ରସ୍ତାବ ରହିଥିବା ବେଳେ, ପ୍ରଥମ ୫ଟି ମଧ୍ୟରେ ବିସିପିପିଇଆର ସ୍ଥାନିତ ହୋଇଛି। ଏହି ରିଜିଅନର ଅଭିବୃଦ୍ଧି ହେଲେ ଏ ଅଞ୍ଚଳବାସୀଙ୍କର ମଧ୍ୟ ଅଭିବୃଦ୍ଧି ଘଟିବ। ଲୋକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ । ଏହି ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ।

ନୀତି ଆୟୋଗର ସିଇଓ ବି.ଭି.ଆର୍ ସୁବ୍ରମଣ୍ୟମ ରାଜ୍ୟ ସରକାରଙ୍କ ଉଦ୍ୟମ ପ୍ରତି ଧନ୍ୟବାଦ ଜଣାଇ କହିଥିଲେ ଯେ, ଆମର ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଞ୍ଚଳରୁ ଆସିଥାଏ। ୨୦୪୭ ସୁଦ୍ଧା ଆମ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। ମୁମ୍ବାଇ, ସୁରଟ, ବିଶାଖାପଟଣା, ବାରାଣସୀ ପରେ ନୀତି ଆୟୋଗର ଏହା ହେଉଛି ପଞ୍ଚମ ଯୋଜନା। ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ବିକଶିତ ଓଡିଶା ପାଇଁ ମଧ୍ୟ ନୀତି ଆୟୋଗ ଯୋଜନା ପ୍ରସ୍ତୁତ କରିଛି। ଆମର ଏହି ଯୋଜନା କେବଳ ଓଡିଶା ପାଇଁ ନୁହେଁ ବିକଶିତ ଭାରତ ପାଇଁ ମଧ୍ୟ ସହାୟକ ହେବ ବୋଲି ସେ କହିଥିଲେ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ ହସ୍ତତନ୍ତ ...

ମିନିଟ୍ ମଧ୍ୟରେ ଲୋକମାନେ ବିଶେଷ ରିହାତି ଦରରେ ମନପସନ୍ଦର ହାତତିଆରି ବସ୍ତ୍ର କିଣିପାରିବେ । ଚଳିତଥର ମୋଟ୍ ୮୦ ଟି ଷ୍ଟଲ୍ ଖୋଲାଯାଇଛି । ବୁଣାକାରଙ୍କ ହିତକୁ ପ୍ରାଥମିକତା ଦେବାକୁ ଯାଇ ପ୍ରଥମଥର ପାଇଁ ସମସ୍ତ ଷ୍ଟଲ୍ ବିନା ମୂଲ୍ୟରେ ବଣ୍ଟନ କରାଯାଇଛି । ଓଡ଼ିଶାର ୫୦ଟି ପ୍ରାଥମିକ ବୁଣାକାର ସମବାୟ ସମିତି, ଗୋପାଳପୁର ଟାଟା ଅନ୍ତରୀଣ ସମେତ ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ରେଶମ ଓଡ଼ିଶା ଏଥିରେ ଅଂଶଗ୍ରହଣ କରିଛନ୍ତି । ଏହା ବ୍ୟତୀତ ରାଜ୍ୟ ବାହାରୁ ୨୦ ଜଣ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ଉତ୍ତରପ୍ରଦେଶ, ଜମ୍ମୁ-କାଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ହରିୟାଣା, ତାମିଲନାଡୁ, ତେଲେଙ୍ଗାନା, ଦିଲ୍ଲୀ, ବିହାର, ଉତ୍ତରାଖଣ୍ଡ, ପଞ୍ଜାବ, ଗୁଜରାଟର ବୁଣାକାର ଏଥିରେ ଅଂଶଗ୍ରହଣ କରିଛନ୍ତି । ଏହି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିମ୍ ପାଭିଲିୟନ, ଯାହା ଧଉଳି ଶାନ୍ତିସ୍ତୁପ ଥିମ୍ ଉପରେ ନିର୍ମାଣ କରାଯାଇଛି ।

ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକାଦୃତ ବୟନବସ୍ତ୍ର ଯଥା: ସମ୍ବଲପୁରୀ ଇକ୍କତ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧ, କୋଟପାଡ୍ ଆଦି ଉପଲବ୍ଧ ହେଉଛି । ଏହି ପ୍ରଦର୍ଶନୀରେ ଓଡ଼ିଶାର ବାନ୍ଧବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଜାମ୍ମୁ କାଶ୍ମୀରର ପଶ୍ମିନା-ସାଲ୍, ତାମିଲନାଡୁର କାଞ୍ଜିବରମ୍ ପାଟଶାଢ଼ୀ, ଦିଲ୍ଲୀ, ହରିୟାନାର ଫର୍ନିସିଙ୍ଗ୍‌ବସ୍ତ୍ର, କର୍ଣ୍ଣାଟକର ସିଲ୍କ ଶାଢ଼ୀ ଆଦି ବସ୍ତ୍ର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ । ଚଳିତବର୍ଷ ୧୦ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି ବିଭାଗ ପକ୍ଷରୁ ଆଶା ରହିଛି । ଉଦଘାଟନୀ ସଂଧ୍ୟାରେ ବୟନିକାର ପରିଚାଳନା ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶ୍ୱଭୂଷଣ ହରିଚନ୍ଦନ ...

ବ୍ୟକ୍ତିଗତ ସ୍ୱାର୍ଥ ଉର୍ଦ୍ଧ୍ୱରେ ନ୍ୟାୟିକ ସ୍ୱାଧୀନତା ଏବଂ ନାଗରିକ ସ୍ୱାଧୀନତା ଉପରେ ଶ୍ରୀ ହରିଚନ୍ଦନଙ୍କର ଦୃଢ଼ ଦୃଷ୍ଟିକୋଣ ଉଲ୍ଲେଖ କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ବିଧାନସଭା, କାର୍ଯ୍ୟନିର୍ବାହୀ ଏବଂ ସାମ୍ବିଧାନିକ ଭୂମିକାରେ ତାଙ୍କର ଅବଦାନ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏବଂ ସାମାଜିକ ନ୍ୟାୟ ପ୍ରତି ଗଭୀର ଚିନ୍ତାକୁ ଦର୍ଶାଉଛି।

'ବକ୍ସି ଜଗବନ୍ଧୁ: ଦି ଗ୍ରେଟ୍ କମାଣ୍ଡର' ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏହି ପୁସ୍ତକ ଓଡ଼ିଶାର ପାଇକ ବୀରମାନଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଏବଂ ଉପନିବେଶବାଦୀ ଶାସନ ବିରୁଦ୍ଧରେ ପ୍ରାରମ୍ଭିକ ଆନ୍ଦୋଳନ ମଧ୍ୟରୁ ଅନ୍ୟତମ। ଏପରି କାର୍ଯ୍ୟଗୁଡ଼ିକ ଐତିହାସିକ ଦୃଷ୍ଟିକୋଣକୁ ପୁନରୁଦ୍ଧାର କରେ ଏବଂ ଯୁବ ପିଢ଼ି ମଧ୍ୟରେ ଦେଶପ୍ରେମକୁ ପ୍ରେରଣା ଦିଏ।

'ଏ ମାଟି କଥା କହେ' କୁ ଏକ ପ୍ରତିଫଳିତ ପ୍ରବନ୍ଧ ସଂଗ୍ରହ ଭାବରେ ବର୍ଣ୍ଣନା କରି ରାଜ୍ୟପାଳ କହିଛନ୍ତି ଯେ ଏହି ପୁସ୍ତକରେ ଗଣତନ୍ତ୍ର, ଓଡ଼ିଆ ପରିଚୟ, ଜାତୀୟ ନେତୃତ୍ୱ ଏବଂ ଆଧ୍ୟାତ୍ମିକ ପରମ୍ପରା, ପ୍ରଭୁ ଜଗନ୍ନାଥଙ୍କ ନବକଳେବରର ପ୍ରତିଫଳନ ରହିଛି।

ଛାତ୍ର, ଯୁବପିଢ଼ି ଏବଂ ସମାଜର ସମସ୍ତ ବର୍ଗର ପାଠକମାନେ ଏହି ପୁସ୍ତକଗୁଡ଼ିକ ପଢିବା ଏବଂ ପ୍ରଦତ୍ତ ମୂଲ୍ୟବୋଧକୁ ଗ୍ରହଣ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ । ଅର୍ଥପୂର୍ଣ୍ଣ ପ୍ରକାଶନ ମାଧ୍ୟମରେ ସାଂସ୍କୃତିକ ସମୃଦ୍ଧିରେ ଅବଦାନ ପାଇଁ ରାଜ୍ୟପାଳ ପୁସ୍ତକର ପ୍ରକାଶକ ଏବଂ ସମ୍ପାଦନା ମଣ୍ଡଳୀକୁ ପ୍ରଶଂସା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଓଡିଶା ରାଜନୀତିର ଏକ ଅନନ୍ୟ ପ୍ରତିଭା ତଥା ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ରଚିତ ଓଡ଼ିଆ ପୁସ୍ତକ 'ଏ ମାଟି କଥା କହେ' ଏବଂ ଇଂରାଜୀ ପୁସ୍ତକ 'ବକ୍ସି ଜଗବନ୍ଧୁ: ଦ ଗ୍ରେଟ୍ କମାଣ୍ଡର' ଆମ ପାଇଁ ପ୍ରେରଣାଦାୟୀ।

୧୮୫୭ ପୂର୍ବରୁ ଖୋର୍ଦ୍ଧା ମାଟିରେ ଘଟିଥିବା ପାଇକ ବିଦ୍ରୋହ ଦେଶର ପ୍ରଥମ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମ ଭାବେ ପରିଚିତ ହେବା ଦରକାର ।'ଏ ମାଟି କଥା କହେ' ପୁସ୍ତକରେ ଓଡ଼ିଆ ଅସ୍ମିତା, ଗଣତନ୍ତ୍ର ଓ ଶ୍ରୀଜଗନ୍ନାଥ ସଂପର୍କିତ ଗଭୀର ଚିନ୍ତନ ଉପସ୍ଥାପିତ ହୋଇଛି, ଯାହା ସମସ୍ତ ପିଢି ପାଇଁ ପ୍ରେରଣାଦାୟୀ। ଏହି ପୁସ୍ତକ ଦୁଇଟି ଯୁବପିଢିଙ୍କ ମନରେ ଦେଶପ୍ରେମ, ତ୍ୟାଗ ଓ ଗଣତନ୍ତ୍ରୀୟ ମୂଲ୍ୟବୋଧ ସଂଚାର କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ 'ଏ ମାଟି କଥା କହେ' ଏବଂ ଇଂରାଜୀ ପୁସ୍ତକ - 'ବକ୍ସି ଜଗବନ୍ଧୁ - ଦି ଗ୍ରେଟ କମାଣ୍ଡର'ର ଲେଖକ ଓଡ଼ିଶାର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ଏବଂ ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ନିଜ ରଚିତ ପୁସ୍ତକ ଗୁଡିକ ବିଷୟରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ ।

ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ସାଂସଦ ତଥା ସମ୍ବାଦ ଗ୍ରୁପର ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ପଟ୍ଟନାୟକ, 'ବକ୍ସି ଜଗବନ୍ଧୁ - ଦି ଗ୍ରେଟ କମାଣ୍ଡର' ର ଅନୁବାଦକ ପ୍ରଫେସର ଭଗବାନ ଜୟସିଂହ ବକ୍ତବ୍ୟ ପ୍ରଦାନ କରି ବିଶ୍ୱଭୂଷଣ ହରିଚନ୍ଦନଙ୍କ ବ୍ୟକ୍ତିତ୍ୱ, ରାଜନୈତିକ ଜୀବନ ଯାତ୍ରା, ସାମ୍ବିଧାନିକ ପଦବୀରେ କର୍ତ୍ତବ୍ୟ ନିର୍ବାହ, ସାରସ୍ୱତ ସୃଷ୍ଟି ଏବଂ ଉପରୋକ୍ତ ପୁସ୍ତକ ଉପରେ ଆଲୋକପାତ କରିଥିଲେ । ପ୍ରଫେସର ବିଜୟାନନ୍ଦ ସିଂ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

## ଓଡ଼ିଶାରୁ ବିଦାୟ...

ସମ୍ବର୍ଦ୍ଧନା ଜଣାଇଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ଏହି ଗସ୍ତ ଆମ ରାଜ୍ୟ ପାଇଁ ଅତ୍ୟନ୍ତ ସ୍ମରଣୀୟ ଏବଂ ଉତ୍ସାହଜନକ। ତାଙ୍କର ମାର୍ଗଦର୍ଶନ 'ବିକଶିତ ଓଡ଼ିଶା'ର ସଂକଳ୍ପକୁ ସିଦ୍ଧ କରିବା ଦିଗରେ ଆମକୁ ସର୍ବଦା ପ୍ରେରଣା ଯୋଗାଇବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରୁଛି।

## ମେକ୍ ଇନ୍ ଇଣ୍ଡିଆ...

ଲଘୁ ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍ ନବୋନ୍ମେଷକ ଏବଂ ମତ୍ସ୍ୟଜୀବୀମାନଙ୍କ ପାଇଁ ନୂତନ ସୁଯୋଗ ଖୋଲିଦେବ। ଏହା ଦ୍ୱାରା ଦେଶରେ ବିଶାଳ ପରିମାଣରେ ରୋଜଗାର ସୃଷ୍ଟି ହେବ, ବିଶେଷକରି ମହିଳା ଓ ଯୁବମାନଙ୍କ ପାଇଁ।

ସେ କହିଛନ୍ତି ଯେ, ଏହି ବୁଝାମଣା ଭାରତ ଓ ଆମେରିକା ମଧ୍ୟରେ ନିବେଶ ଓ ପ୍ରଯୁକ୍ତି ଭାଗିଦାରୀକୁ ଆହୁରି ଗଭୀର କରିବ ଏବଂ ଭରସାଯୋଗ୍ୟ ଓ ସୁଦୃଢ଼ ଆପୂର୍ତ୍ତି ଶୃଙ୍ଖଳାକୁ ଶକ୍ତିଶାଳୀ କରିବ। ସେ ଏହା ମଧ୍ୟ କହିଛନ୍ତି ଯେ, ଏହାର ଲାଭ କେବଳ ଉଭୟ ଦେଶର ଅର୍ଥନୀତିକୁ ମାତ୍ର ନୁହେଁ, ବରଂ ବିଶ୍ୱ ଆର୍ଥିକ ବିକାଶକୁ ମଧ୍ୟ ଗତି ଦେବ।

'ବିକଶିତ ଭାରତ' ଲକ୍ଷ୍ୟକୁ ପୁନରୁଚ୍ଚାରଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭାରତ ଭବିଷ୍ୟତମ୍ମୁଖୀ ଅନ୍ତର୍ଜାତୀୟ ଭାଗିଦାରୀ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରତିବଦ୍ଧ, ଯାହା ଜନସାଧାରଣଙ୍କୁ ସଶକ୍ତ କରିବ ଏବଂ ସାମୂହିକ ସମୃଦ୍ଧିକୁ ପ୍ରୋତ୍ସାହିତ କରିବ।

## ରାଜ୍ୟରେ ଶୀଘ୍ର ...

ପାରିବେନି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି, ଅବକାରୀ କର୍ମଚାରୀ ଓ ଅଫିସରମାନଙ୍କୁ ସଶସ୍ତ୍ର ବାହିନୀ କରିବା ପାଇଁ ପ୍ରକ୍ରିୟା ଚାଲିଥିବା ସୂଚନା ମଧ୍ୟ ମନ୍ତ୍ରୀ ଦେଇଛନ୍ତି।

## ଅଗ୍ନି-୩...

ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ପରୀକ୍ଷଣ ସମ୍ପୂର୍ଣ୍ଣ ସଫଳ ହୋଇଥିଲା, କ୍ଷେପଣାସ୍ତ୍ରଟି ସଫଳତାର ସହ ଏହାର ସମସ୍ତ ଲକ୍ଷ୍ୟକୁ ଟାର୍ଗେଟ କରିଥିଲା। ଏହା ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡର ତତ୍ତ୍ୱାବଧାନରେ କରାଯାଇଥିଲା। ଉତ୍କ୍ଷେପଣ ପରେ, କ୍ଷେପଣାସ୍ତ୍ରଟି ସଠିକ୍ ଦିଗରେ ଉଡ଼ିଥିଲା ଏବଂ ସଠିକ୍ ଭାବରେ ଲକ୍ଷ୍ୟସ୍ଥଳକୁ ଛୁଇଁଥିଲା। ଅଧିକାରୀମାନେ କହିଛନ୍ତି ଯେ ଏହି ପରୀକ୍ଷଣ କ୍ଷେପଣାସ୍ତ୍ରର କାର୍ଯ୍ୟକାରିତା ଏବଂ ନିର୍ଭର ଯୋଗ୍ୟତାକୁ ଯାଞ୍ଚ କରିବା ପାଇଁ ଏକ ନିୟମିତ ଅଭ୍ୟାସର ଅଂଶ ଥିଲା।

## ଆମେରିକା ପିଓକେ...

ଆମେରିକାର ପୁରୁଣା ନୀତିରୁ ଅଲଗା, କାହିଁକି ନା ପ୍ରଥମେ ଆମେରିକା ଏଜେନ୍ସି ଦ୍ୱାରା ଜାରି ନକ୍ସାରେ ପିଓକେକୁ ବିବାଦୀୟ କ୍ଷେତ୍ର କହିବା ପାଇଁ ଡେଟ୍ ଲାଇନ୍ ବା ଅଲଗା ଲେବଲର ବ୍ୟବହାର କରାଯାଉଥିଲା।

# ରାଜ୍ୟରେ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ: ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ ଗତ ଦୁଇ ଦିନ ଧରି ରାଜ୍ୟରେ ଯେଉଁଭଳି ଭାବେ ସ୍ୱର୍ଶକାତର ଓ ହୃଦୟବିଦାରକ ଘଟଣା ଘଟିଯାଇଛି, ଏଥିରୁ ସ୍ପଷ୍ଟ ହେଉଛି ରାଜ୍ୟରେ ଆଉ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ ଏବଂ ସରକାର ନିଘୋଡ ନିଦରେ ଶୋଇଛନ୍ତି ବୋଲି ବିଜେଡି କହିଛି । ଶଙ୍ଖ ଭବନଠାରେ ଅନୁଷ୍ଠିତ ଆଜି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରଦୀପ ଦିଶାରୀ ଓ ବିଧାୟିକା ଶ୍ରୀମତୀ ମନୋରମା ମହାନ୍ତି କହିଥିଲେ ଯେ, ସୁନ୍ଦରଗଡ ଜିଲ୍ଲା ବିଶ୍ରା ଥାନା ଅଞ୍ଚଳରେ ଏକ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରି ମୁମୂର୍ଷୁ ଅବସ୍ଥାରେ ଜଙ୍ଗଲରେ ଫୋପାଡି ଦେଇଥିଲେ । ଦୁଷ୍କର୍ମ ପରେ ଜୋରଜବରଦସ୍ତ ବିଷ ପିଆଇ ଦିଆଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ମୃତ ଛାତ୍ରୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳିବାରେ ବିଳମ୍ବ ହେବାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ସେହିପରି ଶ୍ରୀ ଦିଶାରୀ ଆହୁରି କହିଥିଲେ ଯେ, ଶାସକ ବିଜେପି ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇ ଦୁଇ ଜଣଙ୍କ ଜୀବନ ଚାଲି ଯାଇଛି । ପୋଲିସର ନିଷ୍କ୍ରିୟତା ଲାଗି ଘଟଣାକୁ ଚପାଇଦେବା ପାଇଁ ଉଦ୍ୟମ ହୋଇଛି । ଅନ୍ୟପକ୍ଷରେ ବରଗଡରେ ବିଧାୟକଙ୍କ ପୁଅ, ଧାରଣାରତ ଚାଷୀଙ୍କ ଉପରେ ନୃଶଂସ ଭାବେ ଗାଡି ଚଢାଇ ଦେଇଥିଲେ । ଶାସକ ଦଳର ବିଧାୟକଙ୍କ ପୁଅ ବୋଲି ଆଇନ ଶୃଙ୍ଖଳାକୁ ଭ୍ରୁକ୍ଷେପ ନକରି ଏଭଳି ଔଦ୍ଧତ୍ୟପୂର୍ଣ୍ଣ ଓ ଅମାନବୀୟ କାଣ୍ଡ ଭିଆଇଛନ୍ତି । ବିଜେପି ଦଳ ଆଇନର ଶାସନକୁ କିଭଳି ସମ୍ମାନ ଦିଏ, ଏହା ତାହାର ଏକ ନମୁନା । ଲଗାତାର ଭାବେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବାବଦରେ ବିଜୁ ଜନତା ଦଳ ସରକାରଙ୍କୁ ସତର୍କ କରାଇ ଆସୁଥିଲେ ମଧ୍ୟ ପରିସ୍ଥିତିରେ କୌଣସି ଉନ୍ନତି ପରିଲକ୍ଷିତ ହେବା ପରିବର୍ତ୍ତେ ସ୍ଥିତି ଦିନକୁ ଦିନ ବିଗିଡିବାରେ ଲାଗିଛି । ଗୃହ ବିଭାଗର ମୁଖ୍ୟ ଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ଦୃଢ ପଦକ୍ଷେପ ନିଅନ୍ତୁ । ନଚେତ ଆଗାମୀ ଦିନରେ ଜନସାଧାରଣ ତୀବ୍ର ଜନଆନ୍ଦୋଳନ ହେବ ଏବଂ ବିଜୁ ଜନତା ଦଳ ଚୁପ୍ ହୋଇ ବସିବ ନାହିଁ ବୋଲି ବିଜେଡି କହିଛି ।

# ରାଜଧାନୀରେ ହିଟ ଆଣ୍ଡ ରନ୍

ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ ରାଜଧାନୀରେ ହିଟ ଆଣ୍ଡ ରନର ମାମଲା ସାମ୍ନାକୁ ଆସିଛି। ଖଣ୍ଡଗିରି ଅମ୍ବର ସାମ୍ନାରେ ଅଜଣା ଗାଡି ଧକାରେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକଙ୍କୁ ଧକା ଦେଇ ଗାଡିଟି ଫେରାର ହୋଇଯାଇଛି। ଘଟଣାସ୍ଥଳରେ ଖଣ୍ଡଗିରି ଥାନା ପୋଲିସ ପହଂଚି ଛାନବିନ ଆରମ୍ଭ କରିଛି। ମୃତ ଯୁବକଙ୍କ ଘର ତମାଣ୍ଡୋ ଅଂଚଳରେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ କେଉଁ ଗାଡି ଦୁର୍ଘଟଣା ଘଟାଇଲା ଖୋଳତାଡ଼ କରୁଛି ପୋଲିସ।

# ମହାନଦୀ ଉପରେ ମନ୍ତବ୍ୟ ଦେବା ପରିବର୍ତ୍ତେ ଆନ୍ତରିକତା ଓ ପ୍ରତିବଦ୍ଧତା ଦେଖାନ୍ତୁ ଆଡଭୋକେଟ ଜେନେରାଲ: ବିଜେଡି

ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ ଓଡ଼ିଶାର ଜୀବନରେଖା ମହାନଦୀର ଜଳ ସ୍ରୋତକୁ ଦୀର୍ଘ ବର୍ଷ ଧରି ଏକଚାଟିଆ ଭାବେ ଛତିଶଗଡ ଅଟକାଇ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରିଆସୁଛି । ଲଗାତାର ଭାବେ କେନ୍ଦ୍ର ସରକାର ଓ ଛତିଶଗଡ ସରକାରଙ୍କୁ ଅନୁରୋଧ କରି କୌଣସି ସୁଫଳ ନମିଳିବାରୁ ଓଡିଶା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା ଏବଂ ସୁପ୍ରିମକୋର୍ଟ ନିର୍ଦ୍ଦେଶରେ ଆନ୍ତରାଜ୍ୟ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଥିଲା । ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଏହି ବିବାଦ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ କହିଥିଲେ ମଧ୍ୟ ଏଥିରେ କୌଣସି ସୁଫଳ ମିଳିପାରିଲା ନାହିଁ । ଫଳରେ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ହିଁ ଏକମାତ୍ର ରାସ୍ତା ଓ ଏହି ଟ୍ରିବ୍ୟୁନାଲରେ ଓଡିଶାର ପକ୍ଷ ରଖିବା ପାଇଁ ଆଡଭୋକେଟ ଜେନେରାଲ ଆନ୍ତରିକତା ଓ ପ୍ରତିବଦ୍ଧତା ଦେଖାଇବା ଆବଶ୍ୟକ ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ, ଶନିବାର ଜଳ ବିବାଦ ଟ୍ରିବ୍ୟୁନାଲରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ଆଡଭୋକେଟ ଜେନେରାଲଙ୍କ ଅନୁପସ୍ଥିତକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରଶ୍ନ ଉଠାଇଥିଲେ । ଏହାର ଜବାବରେ ଆଡଭୋକେଟ ଜେନେରାଲ ଅତ୍ୟନ୍ତ ଖାମଖିଆଲ ଭାବେ କିଛି ମନ୍ତବ୍ୟ ଦେଇଥିଲେ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି, ମହାନଦୀ ଆମର ମାଆ, ଓଡିଶାର ଜୀବନ ରେଖା, ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ତଥା ଅଗଣିତ ଓଡିଆଙ୍କ ଜୀବନର ସ୍ରୋତ । ଏହାର ସୁରକ୍ଷାରେ ସାଲିସକୁ ଓଡିଶାବାସୀ କଦାପି ଗ୍ରହଣ କରିବେ ନାହିଁ । ତେଣୁ ଲଘୁ ମନ୍ତବ୍ୟ ଦେବାରୁ କ୍ଷାନ୍ତ ରହି ଆଡଭୋକେଟ ଜେନେରାଲ ଏଭଳି ସ୍ପର୍ଶକାତର ପ୍ରସଙ୍ଗରେ ନିଜର ଆନ୍ତରିକତା ଓ ପ୍ରତିବଦ୍ଧତା ପ୍ରଦର୍ଶନ କରନ୍ତୁ ।

# ବିଜେପିରେ ସାମିଲ ହେଲେ ବୋଲଗଡ ବ୍ଲକର ନିର୍ବାଚିତ ଜନପ୍ରତିନିଧି

ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଅନ୍ତର୍ଗତ ବାଙ୍କୋଇ ଗ୍ରାମ ପଂଚାୟତର ସରପଂଚ ଶ୍ରୀମତୀ ରଶ୍ମିତା ରାଉତରାୟ, ତାଙ୍କ ପ୍ରତିନିଧି ଭାସ୍କର ରାଉତରାୟ, କଲାଙ୍ଗ ଗ୍ରାମ ପଂଚାୟତର ଯୁବ ନେତା ଚିନ୍ମୟ ହୋତା, ଡାବରଧୁଆ ଗ୍ରାମ ପଂଚାୟତର ଯୁବ ନେତା ପାପୁନ ରାଉତ ବିଜୁ ଜନତା ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତିଙ୍କ ଉପସ୍ଥିତିରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ।

# ଲୋକଙ୍କ ଅଭିଯୋଗ ଶୁଣିଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ ସ୍ଥାନୀୟ ସରକାରୀ ବାସଭବନ ଠାରେ ଜନ ଅଭିଯୋଗ ଶୁଣାଣି କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ ସମସ୍ୟା ନେଇ ଆସିଥିବା ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସେଗୁଡ଼ିକ କିପରି ତୁରନ୍ତ ସମାଧାନ କରାଯାଇପାରିବ ସେ ନେଇ ଆଲୋଚନା କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ନାଗରିକମାନଙ୍କ ସମସ୍ୟା ଓ ତାହାର ସମାଧାନ ମୋ ପାଇଁ ସର୍ବୋପରି। ପ୍ରତ୍ୟେକ ଅଭିଯୋଗକୁ ଗଭୀରତାର ସହିତ ନେଇ ତାହାର ଯଥାଶୀଘ୍ର ସମାଧାନ ନିମନ୍ତେ ସମ୍ବନ୍ଧିତ ବିଭାଗକୁ ଯଥାଯଥ ନିର୍ଦ୍ଦେଶ ଦିଆଯାଇଛି।

GOVERNMENT OF ODISHA
AGRICULTURE DEPARTMENT
OFFICE OF THE EXECUTIVE ENGINEER (AGRIL.),
HORTICULTURE, SOUTHERN ZONE, BERHAMPUR
No.235 Date : 05/02/2026

INVITATION FOR BIDS (IFB)

e procurement notice

Bid Identification number / Tender call notice no - E E (A) Hort S/Z-03 of 2025-26 The Executive Engineer (Agril.), Horticulture, Southern Zone, Berhampur who has been authorized as the procuring officer for the projects of Directorate of Horticulture, Southern Zone is directed to invite percentage rate bid on behalf of the Governor of Odisha for the Civil construction works under Directorate of Horticulture, Southern Zone. The costs of the projects are approximately from 6.00 lakhs to 42.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 10.02.2026 at 10.00 hours to 16.00 hours of 21.02.2026.
The bid will be opened on 25.02.2026 at 11.00 hours in the O/o Executive Engineer (Agril.), Horticulture, Southern Zone, Berhampur. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.
E-mail ID : executiveenggineerhortsouthern@gmail.com

OIPR : 1001/11/2526

Sd/-
Executive Engineer (Agril.)
Horticulture,Southern Zone,Berhampur

OFFICE OF THE DEAN & PRINCIPAL
SAHEED RENDO MAJHI MEDICAL COLLEGE & HOSPITAL,
BHAWANIPATNA, KALAHANDI
At- Bhangabari, Po- Uditnarayanpur, Bhawanipatna Dist- Kalahandi, Pin-766002
Email: bptmedicalcollege@gmail.com, Website : https://srmmch.odisha.gov.in/

No. 371 Date: 05.02.2026

CORRIGENDUM FOR EXTENSION OF TIME

In continuation of Tender Call Notice published for Supply of Desktop, Printer, Scanner out of State Government Fund vide No.185 dt-15.01.2026 & published in the News Paper "The Dharitri" & "The Odisha Bhaskar" on dates 16.01.2026, the last date for receipt of bid documents has been extended to 17.02.2026 by 05.00 P.M. All other terms and conditions of the said Tender are hereby remaining unchanged. The said Tender document can be downloaded from website https://srmmch.odisha.gov.in & https://dmetodisha.gov.in.

| Schedule Date & Time | Schedule Date & Time |
|---|---|
| Last date of Submission of Bid | Dt. 17.02.2026 by 05:00 P.M. (Extended) |
| Opening of Technical Bid | Dt. 18.02.2026 at 12:00 PM |
| Opening of Finance Bid | To be announced later on after opening of the technical bid. |

Sd/-
Dean & Principal
SRM MCH, Bhawanipatna, Kalahandi.

OIPR : 10001/17/2526

CORRIGENDUM

"PUBLICATION OF REQUEST FOR PROPOSAL (RFP) NOTICE FOR ENGAGEMENT OF AGENCY FOR SWACHH SAMUDRA CORRIDOR: A SANITATION AND ZERO-WASTE MANAGEMENT PROJECT FOR MARINE DRIVE (KONARK–PURI), IN PURI DISTRICT OF ODISHA"

| SL. No | Existing Text | Revised Text |
|---|---|---|
| 1 | RFP NOTICE: The last date for submission of bids is 07.02.2026 up to 05.30PM. | The last date for submission of bids is **12.02.2026 up to 05.30PM** |
| 2 | Annexure-IX: Financial Bid Format<br>B. Constituents of Service Charge in Financial Bid shall be inclusive of:<br>a) ****<br>b) EPF, ESI, etc.<br>c) ****<br>d) ****<br>e) ****<br>f) ****<br>g) ****<br>h) ****<br>i) ****<br>j) **** | Constituents of Service Charge in Financial Bid shall be exclusive of EPF, ESI, etc. |

**All others term & conditions mentioned in the original notice remain unchanged.**

-Sd-
Divisional Forest Officer,
Puri (WL) Division, Puri

OIPR : 8001/25/2526






ଭୁବନେଶ୍ୱର: ୬ ଦିନିଆ ଓଡ଼ିଶା ଗସ୍ତ ସାରି ଫେରିବା ଅବସରରେ ସ୍ଥାନୀୟ ବିମାନ ବନ୍ଦରଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଉଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟଶାସନ ସଚିବ ଅନୁ ଗର୍ଗ ପ୍ରମୁଖ । (ଫଟୋ -ସମ୍ବାଦ କଳିକା)

### ଧଉଳି -କଳିଙ୍ଗ ମହୋତ୍ସବର ଦ୍ୱିତୀୟ ଦିନ

# ଓଡ଼ିଶୀ, ଭାରତନାଟ୍ୟମ୍ ଓ ମୟୂରଭଞ୍ଜ ଛଉ ନୃତ୍ୟରେ ଦର୍ଶକ ବିଭୋର

**ଭୁବନେଶ୍ୱର,୭।୨, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଏବଂ ଆର୍ଟ ଭିଜନ୍ ଦ୍ୱାରା ଆୟୋଜିତ ୨୨ତମ ଧଉଳୀ କଳିଙ୍ଗ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ଦିନ । ଐତିହାସିକ ଧଉଳୀ ପାହାଡ଼ର ପାଦଦେଶ ଓଡ଼ିଶୀ ଓ ଭାରତନାଟ୍ୟମ ନୃତ୍ୟ ସହିତ ମୟୂରଭଞ୍ଜ ଛଉ ନୃତ୍ୟରେ ଚଳଚଞ୍ଚଳ ।





ସନ୍ଧ୍ୟାର ପ୍ରାରମ୍ଭିକ ପ୍ରଦର୍ଶନରେ ଥିଲା ଭୁବନେଶ୍ୱରର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ। ସେମାନଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ରଚିତ ଶ୍ରୀ ଜଗନ୍ନାଥ ଅଷ୍ଟକମ୍, ଯାହା ଏକ ପୂଜ୍ୟ ଭଜନ ଥିଲା, ଯାହା ଓଡ଼ିଆ ପରିଚୟ ଏବଂ ସଂସ୍କୃତିର ଆତ୍ମା ପ୍ରଭୁ ଜଗନ୍ନାଥଙ୍କ ଗୁଣଗାନ କରିଥିଲା। ପରେ ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା ଶକ୍ତି, ଶିବଙ୍କ ସକ୍ରିୟ ଗତିଶୀଳ ଶକ୍ତି ପ୍ରକୃତିରେ ଦେବୀଙ୍କ ଶକ୍ତି ରୂପରେ ପ୍ରଚଳିତ। ଏହି ଶକ୍ତି ହେଉଛି ସେହି ଶକ୍ତିର ବ୍ୟକ୍ତିତ୍ୱ ଯାହା ସୃଜନଶୀଳ, ଅନନ୍ୟ ଏବଂ ସ୍ଥାୟୀ କିନ୍ତୁ ବିନାଶକାରୀ । ଉଭୟ ନୃତ୍ୟକୁ ଗୁରୁ ଲିଙ୍ଗରାଜ ପ୍ରଧାନ ଏବଂ ଗୁରୁ ପଙ୍କଜ କୁମାର ପ୍ରଧାନଙ୍କ ଦ୍ୱାରା ନୃତ୍ୟ ସଂରଚିତ କରାଯାଇଥିଲା, ଗୁରୁ ଡକ୍ଟର ବିଜୟ କୁମାର ଜେନାଙ୍କ ଦ୍ୱାରା ସଂଗୀତ ସଂଯୋଜନା ଏବଂ ଗୁରୁ ବିଜୟ କୁମାର ବାରିକଙ୍କ ଦ୍ୱାରା ବାଦ୍ୟ ସଂଯୋଜନା କରାଯାଇଥିଲା। ସନ୍ଧ୍ୟାର ଦ୍ୱିତୀୟ ଉପସ୍ଥାପନାରେ ଥିଲା ଗୁଜରାଟରୁ ଆସିଥିବା ଅରୂପା ଲାହିରୀ ଏବଂ ସାଥୀଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ। ସେମାନେ ପ୍ରବାହ ପରିବେଷଣ କରିଥିଲେ ଯାହାର ନୃତ୍ୟ ସଂରଚନା କରିଥିଲେ ନିଜେ ଅରୂପା ଲାହିରୀ। ସନ୍ଧ୍ୟାର ଶେଷ ଉପସ୍ଥାପନାରେ ଥିଲା ମୟୂରଭଞ୍ଜର ନିଚୁଆପଡା ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠାତା ହରିପଦ ମହାନ୍ତ ଏବଂ ସାଥୀଙ୍କ ଦ୍ୱାରା ମୟୂରଭଞ୍ଜ ଛଉ ନୃତ୍ୟ। ସେମାନେ ହିନ୍ଦୁ ଦର୍ଶନରେ ମନମନ୍ଥନ ଉପସ୍ଥାପନ କରିଥିଲେ। ଶାଦରିପୁ ମନର ଛଅ ଶତ୍ରୁ – କାମ,କ୍ରୋଧ, ଲୋଭ, ଅହଂକାର, ମୋହ ଏବଂ ଈର୍ଷା– ଆତ୍ମାକୁ ଜନ୍ମ ଏବଂ ମୃତ୍ୟୁ ଚକ୍ରରେ ବାନ୍ଧି ଆଧ୍ୟାତ୍ମିକ ମୁକ୍ତି (ମୋକ୍ଷ)କୁ ବାଧା ଦିଅନ୍ତି। ଏହି ଆଭ୍ୟନ୍ତରୀଣ ଶତ୍ରୁମାନେ, ବିଶେଷକରି ଇଚ୍ଛା, କ୍ରୋଧ, ଲୋଭ, ଦୁଃଖ ଏବଂ ଭ୍ରମ ସୃଷ୍ଟି କରନ୍ତି। ଅହଂକାର ଦ୍ୱାରା ପରିଚାଳିତ କାର୍ଯ୍ୟ ଏବଂ ଭୌତିକ ଆସକ୍ତିକୁ ପ୍ରୋତ୍ସାହିତ କରନ୍ତି। ଏହି ଛଅ ଶତ୍ରୁଙ୍କୁ ଅନୁଭବ କରିବା ଏବଂ ବୁଝିବା ପ୍ରେମ, ଦିବ୍ୟତା ଏବଂ ଆଭ୍ୟନ୍ତରୀଣ ଶାନ୍ତିର ଗୁରୁତ୍ୱ ଶିଖାଏ। ଶାଦରିପୁ ଉପରେ କର୍ତ୍ତୃତ୍ୱ ଜଣେ ମଣିଷକୁ ଏକ ସତ୍ୟ, ଜ୍ଞାନୀ ବ୍ୟକ୍ତିରେ ପରିଣତ କରେ।

ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବରେ ଯୋଗଦେଇଥିଲେ ଭାରତର ପୂର୍ବତନ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସଭାପତି ସତ୍ୟାନନ୍ଦ ମିଶ୍ର, ସେଲ୍ ବୋର୍ଡର ସ୍ୱାଧୀନ ନିର୍ଦ୍ଦେଶକ ଏବଂ ଓଡ଼ିଶାରେ ଶିକ୍ଷକଙ୍କ ଦାବିକୁ ସମାଧାନ କରୁଥିବା ରାଜ୍ୟସ୍ତରୀୟ ପ୍ୟାନେଲର ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ନାଲ୍କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ପ୍ରଖ୍ୟାତ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ରାମଜୀ ନଟରାଜନ୍; ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ଉପ-ନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସମ୍ପାଦିକା ଗୁରୁ (ଡ଼ଃ) ଅରୁଣା ମହାନ୍ତି । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡକ୍ଟର ଶ୍ରୀନିବାସ ଘଟୁଆରୀ ଏବଂ ଡକ୍ଟର ନାଜିଆ ଆଲାମ୍ ।

# ବଜେଟ୍ ଓଡ଼ିଶା ପାଇଁ ବିକାଶର ନୂତନ ଦ୍ୱାର ଖୋଲିବ

ଭୁବନେଶ୍ୱର,୭।୨, ନ୍ୟୁଜ ବ୍ୟୁରୋ

ଏଠାରେ ଶନିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭କୁ ବିକଶିତ ଭାରତ ଗଠନର ଏକ ବଳିଷ୍ଠ ଆଧାର ବୋଲି ଅଭିହିତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ୍, ସବକା ବିକାଶ' ମନ୍ତ୍ରରେ ଅନୁପ୍ରାଣିତ ଏହି ବଜେଟ୍ ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବା ସହ ଶିକ୍ଷା, କୃଷି ଓ ପର୍ଯ୍ୟଟନ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶା ପାଇଁ ବିକାଶର ନୂତନ ଦ୍ୱାର ଖୋଲିବା ନେଇ ସେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି । ଏହି ସମ୍ମିଳନୀରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ ।ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ବର୍ତ୍ତମାନ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ଭାବେ ଉଭା ହୋଇଥିବା ବେଳେ ଏହି ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୬.୮% ରୁ ୭.୨% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହା ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବା ସହ ଏକ ସମାବେଶୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି । ୨୦୧୩-୧୪ରେ ଦେଶର ରପ୍ତାନୀ ପରିମାଣ ୪୬୬.୨୨ ବିଲିୟନ ଆମେରିକୀୟ ଡଲାର ଥିବା ବେଳେ ଆଜି ମୋଦୀ ସରକାରରେ ତାହା ୭୭ ପ୍ରତିଶତ ବଢି ୮୨୪.୯ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା । ଏହି ସଂଖ୍ୟା ଦୁଇ ଗୁଣା ହୋଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ତିନିଗୁଣା ବଢି ୩୩୧.୦୩ କୋଟି ହୋଇଛି । ଆମ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ମହାନଦୀକୁ ବଞ୍ଚାଇବା ପାଇଁ ବିଜେପି ସରକାରଙ୍କ କୌଣସି ଆନ୍ତରିକତା ନାହିଁ - ନବୀନ

**ଭୁବନେଶ୍ୱର, ୭।୨, ନ୍ୟୁଜ ବ୍ୟୁରୋ**

ମହାନଦୀ ଜଳ ବିବାଦକୁ ଶନିବାର ହୋଇଥିବା ଶୁଣାଣିରେ ଓଡ଼ିଶାର କୌଣସି ଉଚ୍ଚପଦସ୍ଥ ଅଧିକାରୀ କିମ୍ବା ବଡ଼ ଓକିଲ ମଧ୍ୟ ଉପସ୍ଥିତ ନରହିବା ପ୍ରସଙ୍ଗରେ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏକ୍ସରେ ପୋଷ୍ଟ କରି ନବୀନ ପ୍ରଶ୍ନ କରିଛନ୍ତି ଯେ ମହାନଦୀକୁ ବଞ୍ଚାଇବା ପାଇଁ ବିଜେପି ସରକାରଙ୍କ ଇଏ କ'ଣ ଆନ୍ତରିକତା ? ଟ୍ରିବ୍ୟୁନାଲରେ ମହାନଦୀ ବିବାଦ ନେଇ ଶନିବାର ହୋଇଥିବା ଶୁଣାଣିକୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ୍ ଜେନେରାଲ୍ ଆସିଲେ ନାହିଁ। ମହାନଦୀର ସୁରକ୍ଷାଠାରୁ ଏମିତି କ'ଣ ଗୁରୁତ୍ୱପୂର୍ଣ୍ଣ କାମ ରହିଲା, ଯେଉଁଥିପାଇଁ ଟ୍ରିବ୍ୟୁନାଲର ଶୁଣାଣିରେ ଓଡ଼ିଶାର ପକ୍ଷ ରଖିବାକୁ ସେ ଉପସ୍ଥିତ ରହିଲେ ନାହିଁ ? ଟ୍ରିବ୍ୟୁନାଲର ଶୁଣାଣିକୁ ନେଇ ଅନେକ ଆଶା ବାନ୍ଧି ବସିଥିବା ଓଡ଼ିଶାବାସୀଙ୍କୁ ମିଳିଲା କ'ଣ ? ଏଥିରୁ ସ୍ପଷ୍ଟ ଜଣାପଡୁଛି, ମହାନଦୀକୁ ବଞ୍ଚାଇବା ପାଇଁ ଓଡ଼ିଶା ବିଜେପି ସରକାରଙ୍କ କୌଣସି ଆନ୍ତରିକତା ତଥା ପ୍ରତିବଦ୍ଧତା ନାହିଁ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉ ନାହାନ୍ତି। ଖାଲି କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି। ମହାନଦୀ ଆମ ମା', ଓଡ଼ିଶାର ଜୀବନରେଖା। ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ତଥା ଅଗଣିତ ଓଡ଼ିଆଙ୍କ ଜୀବନର ସ୍ରୋତ। ଏହାର ସୁରକ୍ଷାରେ ସାଲିସକୁ ଓଡ଼ିଶାବାସୀ କଦାପି ଗ୍ରହଣ କରିବେ ନାହିଁ। ମହାନଦୀକୁ ବଂଚାଇବା ପାଇଁ ପ୍ରତିଟି ଓଡ଼ିଆଙ୍କୁ ନେଇ ବିଜୁ ଜନତା ଦଳର ଲଢ଼େଇ ଆହୁରି ଜୋରଦାର ହେବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।



ଭୁବନେଶ୍ୱର : ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାକ୍ ବଜେଟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରୁଛନ୍ତି

# ହାଟପଦା ହତ୍ୟାକାଣ୍ଡର ପର୍ଦ୍ଦାଫାଶ: ୬ ଗିରଫ

**ବରଗଡ଼,୭।୨, ନ୍ୟୁଜ ବ୍ୟୁରୋ**

ବରଗଡ଼ ସହରର ବ୍ୟସ୍ତବହୁଳ ହାଟପଦା ଅଞ୍ଚଳରେ ଘଟିଥିବା ରକ୍ତାକ୍ତ ସଂଘର୍ଷ ଘଟଣାରେ ପୋଲିସକୁ ବଡ଼ ସଫଳତା ମିଳିଛି। ଏହି ମାମଲାରେ ସମ୍ପୃକ୍ତ ଥିବା ୬ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ



ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୪ଟି ଧାରୁଆ ଛୁରୀ ଏବଂ ୨ଟି ଭୁଜାଲି ଜବତ କରିଛି। ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପୋଲିସ ସୂଚନା ଦେଇଛି ଯେ, କୌଣସି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘଠିତ ଆକ୍ରମଣ କରାଯାଇଥିଲା। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରିଛି। ସହର ମଧ୍ୟରେ ଏଭଳି ଖୁଲମଖୁଲା ମାରଣାସ୍ତ୍ର ଧରି ଆକ୍ରମଣ ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଥିବା ବେଳେ ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

ସହର ମଝିରେ ଏଭଳି ଗୁଣ୍ଡାରାଜ୍, ପୂର୍ବ ଶତ୍ରୁତା ପାଇଁ ମାରଣାସ୍ତ୍ର ଧରି ଆକ୍ରମଣ କରିବା ଘଟଣାକୁ ନେଇ ସାଧାରଣରେ ବ୍ୟାପକ ଚର୍ଚ୍ଚା ଚାଲିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ : ୭.୨.୨୦୨୬
୫,୮୩,୯୩୧ ଟଙ୍କା
ସୁନା:- ୦୫ଗ୍ରାମ୍ ୧୦୦ ମିଲିଗ୍ରାମ୍
ରୂପା:-୪୦ ଗ୍ରାମ୍ ୪୦୦ ମିଲିଗ୍ରାମ୍

# ବିଜେପିର ସଂସଦୀୟ କ୍ଷେତ୍ରୱାରୀ ସମୀକ୍ଷା ବୈଠକ ଆରମ୍ଭ

**ଭୁବନେଶ୍ୱର, ୭।୨, ନ୍ୟୁଜ ବ୍ୟୁରୋ**

ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେପିର ସଂସଦୀୟ କ୍ଷେତ୍ରୱାରୀ ସମୀକ୍ଷା ଆରମ୍ଭ ହୋଇଛି। ଶନିବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବ୍ରହ୍ମପୁର ଏବଂ ଆସ୍କା ସଂସଦୀୟ କ୍ଷେତ୍ରକୁ ନେଇ ବଡ ବୈଠକ ବସିଥିଲା । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁର ଏବଂ ଆସ୍କାର ସାଂସଦ ସମେତ ବିଧାୟକ ମାନେ ଉପସ୍ଥିତ ଥିଲେ । ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, ପରିବହନ ମନ୍ତ୍ରୀ ବିଭୂତି ଜେନା, ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ଛତ୍ରପୁର ବିଧାୟକ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏବଂ ଟିକିଟି ବିଜେପି ବିଧାୟକ ଉପସ୍ଥିତ ଥିଲେ। ବୈଠକରେ ବିଧାୟକ ଏବଂ ସାଂସଦଙ୍କ ମଧ୍ୟରେ ସମନ୍ୱୟ, ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା ହୋଇଥିଲା । ବାକିଥିବା ସାଂଗଠନିକ କାର୍ଯ୍ୟକ୍ରମ କେମିତି ଆଗକୁ ବଢିବ ସେନେଇ ବି ହୋଇଥିଲା ଆଲୋଚନା । ପର୍ଯ୍ୟାୟ କ୍ରମେ ସମସ୍ତ ସଂସଦୀୟ କ୍ଷେତ୍ର ୱାରୀ ବୈଠକ ମଧ୍ୟ ଅନୁଷ୍ଠିତ ହେବ ।

# ଖୁବ୍ ଶୀଘ୍ର ଆରମ୍ଭ ହେବ ରାମେଶ୍ୱର - ଟାଙ୍ଗୀ ଏନଏଚଏଆଇର ରିଙ୍ଗ୍ ରୋଡ୍ ପ୍ରକଳ୍ପ

**ଭୁବନେଶ୍ୱର, ୭।୨, ନ୍ୟୁଜ ବ୍ୟୁରୋ**

କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ ପ୍ରକଳ୍ପ ଅନ୍ତର୍ଗତ ରାମେଶ୍ୱର ଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ଏନଏଚଏଆଇର ରିଙ୍ଗ୍ ରୋଡ୍‌କୁ ଅନୁମୋଦନ ମିଳିଛି। ଖୁବ ଶୀଘ୍ର ଏହାର ଭିତ୍ତିପ୍ରସ୍ତର ସ୍ଥାପନ ସହ କାମ ଆରମ୍ଭ ହେବ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ସୂଚନା ଦେଇଛନ୍ତି। ଏହାସହ ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନିତୀନ ଗଡକରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଏକ୍ସରେ ପୋଷ୍ଟ କରି ସେ ଲେଖିଛନ୍ତି ରାମେଶ୍ୱର ଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ଏନଏଚଏଆଇର ରିଙ୍ଗ୍ ରୋଡ୍ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ୍ ଅତିକ୍ରମ କରିଛି। ୧୧୧ କି.ମି. ଲମ୍ବ ଓ ପ୍ରାୟ ୮,୩୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ ପ୍ରକଳ୍ପ ସମସ୍ତ ଆବଶ୍ୟକ ଅନୁମୋଦନ ଓ ସ୍ୱୀକୃତି ପାଇଛି। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଜଙ୍ଗଲ ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ଅନୁମତି ସହ ସମସ୍ତ କ୍ଲିୟାରେନ୍ସ ମିଳିସାରିଛି।

